



## ବେଦ ମନ୍ତ୍ର ଧ୍ୱନିରେ ଯଶୋବନ୍ତ ସେବାଶ୍ରମ ପ୍ରତିଷ୍ଠା

**ଖଇରା, ୨୦।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ ତାଳକୁରୁଆ ଗ୍ରାମରେ ଶିକ୍ଷକ ମାୟାଧର ସାହୁଙ୍କ ସଞ୍ଚିତ ଅର୍ଥରେ ଏବଂ ପିତାଙ୍କ ସ୍ମୃତିରେ ନିର୍ମିତ ଯଶୋବନ୍ତ ସେବାଶ୍ରମ ସୋମବାର ବେଦମନ୍ତ୍ର ଧ୍ୱନିରେ ଉଦଘାଟିତ ହୋଇଛି। ସକାଳେ ଘଟୋତ୍ତଳନ କରାଯାଇଥିଲା। ପୂର୍ବାହ୍ନରେ କୃଷ୍ଣଚନ୍ଦ୍ର ପତ୍ରୀ, ବିଭୂତି ତ୍ରିପାଠୀ, ଶ୍ୟାମସୁନ୍ଦର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ କରାଯାଇଥିଲା। ପରେ ମାୟାଧର ସାହୁ, ସାଗର ସାହୁ, ଅଶୋକ ସାହୁ, ଗୟାଧର ସାହୁ, ଅଜିତ କୁମାର ସାହୁ ଓ ଅଭିମନ୍ୟୁ ସାହୁଙ୍କ ଉପସ୍ଥିତରେ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଷଡାନନ ପାଣିଗ୍ରାହୀ ପ୍ରମୁଖ ସେବାଶ୍ରମର ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗ ଦେଇ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଭୂମିକୁ ବିଷମୁକ୍ତ କରିବା ପାଇଁ ଆନ୍ଦୋଳନ ଆବଶ୍ୟକ

**ଜିଲାସ୍ତରୀୟ କୃଷକ ଦିବସ**

■ ଅକ୍ଷି ମୁଠି ଅନୁକୂଳ କଲେ ଏମ୍‌ପି

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ରେମୁଣା (ରବୀନ୍ଦ୍ର ମହାକୁଡ), ୨୦।୪**



ଏମ୍‌ପି ଓ ବିଧାୟକ ଅଖି ମୁଠି ଅନୁକୂଳ କରୁଛନ୍ତି।

ବାଲେଶ୍ୱର ଜିଲା ଅନ୍ତର୍ଗତ ଶେରଗଡସ୍ଥିତ ସରକାରୀ ବିହନ ଫାର୍ମଠାରେ ସୋମବାର ଅକ୍ଷୟତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅକ୍ଷି ମୁଠି ଅନୁକୂଳ କରି କ୍ଷେତରେ ବିହନ ବୁଣିଥିଲେ। ଭୂମିକୁ ବିଷ ମୁକ୍ତ କରିବା ପାଇଁ ଆନ୍ଦୋଳନ ଆବଶ୍ୟକ। ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କାରଣରୁ ମାଟି ବିଷାକ୍ତ ହେଉଛି। ଖାଦ୍ୟ ଫଳମୂଳ ପନିପରିବାରେ ବିଷ ଭରିରହିଛି। ଜୈବିକ ପଦ୍ଧତିରେ ଚାଷ କରିବା ସହ ଉତ୍ପାଦକତା ଓ ଗୁଣବତ୍ତା ବୃଦ୍ଧି ଦିଗରେ ଚାଷୀକୁଳ ଯତ୍ନବାନ ହେବା ଜରୁରୀ ବୋଲି ଏମ୍‌ପି ଷଡ଼ଙ୍ଗୀ ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଚାଷୀ ବେଶରେ କ୍ଷେତରେ ହଳ ବୁଲାଇଥିଲେ। ରାସାୟନିକ ପଦ୍ଧତିରେ ଚାଷଠାରୁ ଦୂରେଇ ରହିବା ପାଇଁ ଚାଷୀକୂଳଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କୃଷକ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଜିଲା ପରିଷଦ ସଦସ୍ୟା କଲ୍ୟାଣୀ ବାରିକ ଏବଂ ରବି ନାରାୟଣ ମହାପାତ୍ର ଯୋଗଦେଇ ଏହି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥଲେ। କୃଷି ଓ ଆନୁଷଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀ, କୃଷି ବୈଜ୍ଞାନିକ, କୃଷିଯନ୍ତ୍ରୀଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ୧୧୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଚଳିତ ଖରିଫ-୨୦୨୬ ନିମନ୍ତେ ସିଏମ୍ କିଷାନ ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ହସ୍ତାନ୍ତରଣର ସିଧା ପ୍ରସାରଣ ଅଭାଷୀ ମାଧ୍ୟମରେ କରାଯାଇଥିଲା। ବାଲେଶ୍ୱର ଜିଲାରେ ୩ଲକ୍ଷ ୪ହଜାର ୧୦୨ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧ହଜାର ୫୦ ଜଣ ଭୂମିହୀନ ଚାଷୀ ଏଥିରେ ଉପକୃତ ହୋଇଥିଲେ। ସଦର ବ୍ଲକ ସହକାରୀ କୃଷି ଅଧିକାରୀ ଲିଜା ଦାସ ଧନ୍ୟବାଦ ଦେଇଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ଅକ୍ଷୟ ତୃତୀୟା ଦିବସ

## 'ଅମଳ କମ୍ ମିଳିଲେ ମଧ ଜୈବିକ କୃଷିକୁ ଆପଣାଅ'



କୃଷି ବିଜ୍ଞାନ କେନ୍ଦ୍ରରେ ଅଖିମୁଠି ଅନୁକୂଳ।

**ସିମୁଳିଆ, ୨୦।୪(ସନ୍ତୋଷ ନାୟକ)**

ପବିତ୍ର ଅକ୍ଷୟ ତୃତୀୟାରୁ କୃଷି କାର୍ଯ୍ୟ ଆରମ୍ଭ ଉଦ୍ଦେଶ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ସୋମବାର ରାଣିତାଳ କୃଷି ବିଜ୍ଞାନକେନ୍ଦ୍ର ପରିସରରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ରୂପେ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଖରିଫ ଋତୁ ଚାଷ ପାଇଁ ଅଖିମୁଠି ଅନୁକୂଳ ଓ ଭୂମିପୂଜା କରିଥିଲେ। ଏହି ଅବସରରେ ଧାମନଗର କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କ ମଞ୍ଚ ସଞ୍ଚାଳନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅମଳ କମ୍ ମିଳିଲେ ମଧ ଜୈବିକ କୃଷିକୁ ଆପଣାଇବା ପାଇଁ ବିଧାୟକ ଦାସ ଗୁରୁତ୍ୱାରୋପ କରିଥିଲେ। ଅଖିମୁଠିର ପରମ୍ପରା ଆମ କୃଷି ଓ ଆମ ସଂସ୍କୃତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବିଭିନ୍ନ ଧାନ କିସମ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ମହାନ୍ତି ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଭଦ୍ରକ ଜିଲାର ମୁଖ୍ୟ ଜିଲା କୃଷି ଅଧିକାରିଣୀ ପ୍ରୀତିରେଖା ମହାଳିକ ସୂଚନା ପ୍ରଦାନ କରିଥିଲେ। କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମଇତାପୁର ପଲ୍ଲି ପ୍ରଗତି କୃଷକ ମଞ୍ଚର ମୁଖ୍ୟ ତଥା ପ୍ରଫେସର ଗଜେନ୍ଦ୍ର ପ୍ରସାଦ ବେହେରାଙ୍କ ସହଯୋଗରେ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ ସଫଳ ଚାଷୀ ଓ ଉଦ୍ୟୋଗୀ ନରେନ୍ଦ୍ର ପାଣିଗ୍ରାହୀ ଓ ପ୍ରଶାନ୍ତ କୁମାର ପରିଡାଙ୍କୁ ସମ୍ମାନିତ କରାଯାଇଥିଲା। କୃଷି ରଥକୁ ପତାକା ଦେଖାଇ ଅତିଥିଗଣ ଉଦଘାଟନ କରିଥିଲେ।

## ୯ ଚିତ୍ରକରଙ୍କୁ ୮ ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି

## ପଟିଦିଅଁ ଅଙ୍କନ ଉତ୍ସବ



ପଟିଦିଅଁ ଅଙ୍କନ ପାଇଁ ମନ୍ଦିରରୁ ସ୍ୱୀକୃତି ଗ୍ରହଣ କରାଯାଉଛି।

**ବାଲେଶ୍ୱର, ୨୦।୪(ବାଞ୍ଛାନିଧି ଦେ)**

ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ, ଶୁଭାରମ୍ଭ, ପ୍ରତିଷ୍ଠା ଆଦି କରାଯିବାର ପରମ୍ପରା ରହିଛି। ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିତ୍ରକରମାନଙ୍କୁ ପଟିଦିଅଁ ଅଙ୍କନ ପାଇଁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରାଯାଏ। ବାଲେଶ୍ୱର ବାମପଦାସ୍ଥିତ ନୋସି କଲଚୁରାଲ ଏକାଡେମୀ ଓ ବାଲେଶ୍ୱରୀ କଳାକେନ୍ଦ୍ର ପକ୍ଷରୁ ଆୟୋଜିତ ହେଉଥିବା ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୮ଟି ଜଗନ୍ନାଥ ମନ୍ଦିରରୁ ୯ଜଣ ଚିତ୍ରକର ସୋମବାର ସ୍ୱୀକୃତି ଗ୍ରହଣ କରିଛନ୍ତି। ଗଣେଶ୍ୱରପୁରର ତ୍ରାହି ଅଚ୍ୟୁତ ଜଗନ୍ନାଥ ମନ୍ଦିର, ଛଣପୁର ଜଗନ୍ନାଥ ମନ୍ଦିର, ରେମୁଣା ମାଧିପୁର ଜଗନ୍ନାଥ ମନ୍ଦିର, ନୀଳଗିରି ଜଗନ୍ନାଥ ମନ୍ଦିର, ଶାସଙ୍ଗ ଜଗନ୍ନାଥ ମନ୍ଦିର, ଜୟଦେବ କସବା ଜଗନ୍ନାଥ ମନ୍ଦିର, ବେତନଟୀ ଜଗନ୍ନାଥ ମନ୍ଦିର, ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ବଡ ଠାକୁର ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଗଦାଧର ମହାନ୍ତି, ଭବାନୀଶଙ୍କର ନାୟକ, ପ୍ରଦୀପ ବାଡି, ସୁଭଦ୍ରା (ମା ଭୁବନେଶ୍ୱରୀ) ପାଇଁ ଦେବାଶିଷ ପତି, ଭବଶଙ୍କର ସାହୁ ଓ ସମୀର ବେହେରା, ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସ ପ୍ରମୁଖ ମନ୍ଦିର ତରଫରୁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ଗ୍ରହଣ କରିଥିଲେ। ପ୍ରକାଶ ଥାଉ କି, ଆସନ୍ତା ଜୁନ୍ ୨୪ ରୁ ୨୯ ସ୍ନାନ ପୂର୍ଣ୍ଣିମା ଅବସରରେ ୬ଦିନ ଧରି ବିଗତ ବର୍ଷ ପରି ନୋସି ଉତ୍କଳା ପରିସରରେ ପାରମ୍ପରିକ ପଟିଦିଅଁ ଅଙ୍କନ, ପଞ୍ଚଚିତ୍ର କର୍ମଶାଳା, ପ୍ରଦର୍ଶନୀ, ଆଲୋଚନା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଚଢ଼େଇୟା ନାଟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଅଖରେ ଲାଗିଲା ଚକ, ଶ୍ରୀଅଙ୍ଗେ ଲାଗିଲା ଚନ୍ଦନ

**ନୀଳଗିରି, ୨୦।୪ (ପ୍ରଶାନ୍ତ କୁମାର ବିଶ୍ୱାଳ)**



ରଥଖଳାକୁ ଆଜ୍ଞାମାଳ ପହଞ୍ଚାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେଉଛି।

ଅକ୍ଷୟ ତୃତୀୟା ଅବସରରେ ସୋମବାର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତ ଓ ଭକ୍ତଙ୍କ ଗହଣରେ ରଥ ଖଳାକୁ ଆଜ୍ଞାମାଳ ପହଞ୍ଚାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ଏହି ଅବସରେ ଦ୍ୱାରଫିଟା, ଦେଉଳ ଶୋଧ, ମଙ୍ଗଳ ଆଳତି, ବେଶ ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଆଜ୍ଞାମାଳ ଆସିବା ପରେ ପରେ ରାମକୃଷ୍ଣ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଧର ଚୁମ୍ବିତ ଆଜ୍ଞାମାଳ ରଥଖଳାକୁ ଯାଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ଧୂପ ପରେ ତିନି ଠାକୁରଙ୍କ ଶ୍ରୀମୁଖକୁ ଛାଡ଼ି ଶ୍ରୀଅଙ୍ଗେ ଚନ୍ଦନ ଲାଗି ହୋଇଥିବା ପରିଲକ୍ଷିତ ହୋଇଛି। ଘଟୁଆରି ସେବକମାନଙ୍କ ଦ୍ୱାରା ଅଧିବାସିତ ହୋଇଥିବା ଏହି ଚନ୍ଦନକୁ ଶ୍ରୀଅଙ୍ଗେ ଲଗା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ଆଦି ସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଦ୍ୱାରା ପୂଜା ନୀତି ସମ୍ପନ୍ନ ହୋଇଥିଲା। ଏଥିରେ ରାଜାଙ୍କ ପ୍ରତିନିଧି ତଥା ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ପୂର୍ଣ୍ଣ ଶୁକ୍ଳ ନନ୍ଦ, ପ୍ରହରାଜ ହରନାରାୟଣ ନନ୍ଦ, ବ୍ରହ୍ମା ଦେବେନ୍ଦ୍ର ନନ୍ଦ, ସମ୍ବିତ୍ ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ କର, ଉପେନ୍ଦ୍ର ଦାସବାବୁ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ, ଠାକୁରମାହଲ ଟ୍ରଷ୍ଟି ସଦସ୍ୟ ଶ୍ରୀମୟ ଦାସଅଧିକାରୀ ଓ ଠାକୁର ମହଲ କର୍ମଚାରୀ ରମେଶ ଦାସ, ନିରଞ୍ଜନ ମହାପାତ୍ରଙ୍କ ସମେତ ରଥର ମୁଖ୍ୟ ବିଶ୍ୱକର୍ମା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହରି କଥା ଅମୃତ ହୃଦୟ ମୋହିଲା

## ରାଧା ମଦନମୋହନ ଜୀଉ ମନ୍ଦିର ବାର୍ଷିକ ଉତ୍ସବ

**ବାଲିଆପାଳ, ୨୦।୪(ଗୋପାଳଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତର କଚୁଆପଡ଼ା ଗ୍ରାମରେ ଥିବା ଇସ୍କନ ଶ୍ରୀଶ୍ରୀ ରାଧା ମଦନମୋହନ ଜୀଉ ମନ୍ଦିରରେ ସୋମବାର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନଗର କୀର୍ତ୍ତନ ଦଳ ବାହାରି ବାଲିଆପାଳ ଅଞ୍ଚଳର ବିଭିନ୍ନ ଛକ ବଜାର ଜଗନ୍ନାଥ ମନ୍ଦିର ଛକ ଆଦି ସ୍ଥାନ ପରିକ୍ରମା କରି ମନ୍ଦିରକୁ ଫେରିଥିଲେ। ଏହି ଅବସରରେ ଅନୁଷ୍ଠିତ ହରିକଥା ଅମୃତ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଘଟିକା ୩୦ ମିନିଟ୍‌ରେ ଶେଷ ହୋଇଥିଲା। ଶତାଧିକ ମହିଳା ପୁରୁଷ ଭକ୍ତ ଉପସ୍ଥିତ ହୋଇ ହରିକଥା ଶ୍ରବଣ କରିଥିଲେ। ବିଭିନ୍ନ ସ୍ଥାନରେ ଥିବା ନାମ ହାଟର ସଭାପତିଙ୍କ ସହିତ ବହୁ ସନାତନି ରାଧାକୃଷ୍ଣପ୍ରେମୀ ଯୋଗଦେଇ ପ୍ରବଚନ ମାଧ୍ୟମରେ ହରିକଥା ଶ୍ରବଣରେ ମଜ୍ଜିଥିଲେ। ସନ୍ଧ୍ୟା ଆରତୀ ପରେ ଇସ୍କନ ପକ୍ଷରୁ ଶ୍ରୀରାଧା ମଦନମୋହନଙ୍କ ଜୀବନ ଦର୍ଶନ ଉପରେ ଏକ ସ୍ୱତନ୍ତ୍ର ନାଟକ ଅଭିନୟ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

# ବାଲିଆପାଳ ଜଗନ୍ନାଥ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ

**ବାଲିଆପାଳ, ୨୦।୪(ରାଜଶ୍ରୀ ପାଣିଗ୍ରାହୀ)**

ଅକ୍ଷୟ ତୃତୀୟା ଅବସରରେ ବାଲିଆପାଳ ବ୍ଲକ ଖଗଡାପାଳସ୍ଥିତ ଜଗନ୍ନାଥ ମନ୍ଦିରରେ ସୋମବାର ବିଭିନ୍ନ ଶୁଭକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ରଥ ନିର୍ମାଣ ପାଇଁ ରଥ କାଠ ଅନୁକୂଳ ହୋଇଛି। ମନ୍ଦିର ପରିସରରେରେ ଚିହ୍ନଟ କରାଯାଇଥିବା ଦାରୁଙ୍କୁ ପୂଜାର୍ଚ୍ଚନା କରିବା ପରେ ଗଛ କଟା ଅନୁକୂଳ କରାଯାଇଥିଲା। ପରେ ମନ୍ଦିର ପରିସର ଶନିଦେବଙ୍କ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ନିକଟରେ ନୂତନ କରି ନିର୍ମାଣ କରାଯାଇଥିବା ବିଘ୍ନରାଜ ଗଣେଶଙ୍କ ମନ୍ଦିରର ଦଧିନଉତି ବସାଇବା କାର୍ଯ୍ୟ ସମ୍ପନ୍ନ ହୋଇଛି। ୧୯୯୬ ମସିହାରେ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଉଦ୍ୟମରେ ନିର୍ମିତ ଉତ୍ତର ବାଲେଶ୍ୱର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ପୂର୍ବରୁ ବାବା କାଶୀବିଶ୍ୱନାଥ ମନ୍ଦିର, ମା' ବିମଳାଙ୍କ ମନ୍ଦିର ତଥା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ରହିଛି। ନାଟମଣ୍ଡପର ପ୍ରବେଶ ଦ୍ୱାର ନିକଟରେ ଶ୍ରୀଗଣେଶଙ୍କ ସହିତ ବଜରଙ୍ଗବାଲି ପୂଜା ପାଇଁ ଆସୁଥିଲେ। ଅବସରପ୍ରାପ୍ତ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସହାୟତାରେ ଗଢି ଉଠିଥିବା ବିଘ୍ନରାଜଙ୍କ ମନ୍ଦିରର ଦଧିନଉତି ବସାଯାଇଛି। ସାମାଜିକ କର୍ମୀ ସଞ୍ଜୟ କୁମାର ଦେଙ୍କ ସହାୟତାରେ ବାବା ଶନିଦେବଙ୍କ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅନ୍ୟପଟେ ମନ୍ଦିର କମିଟି କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସହାୟତାରେ ନିର୍ମିତ ହୋଇଆସୁଥିବା ବଜରଙ୍ଗବାଲି ମନ୍ଦିର କାର୍ଯ୍ୟ ଶୀଘ୍ର ଶେଷ ହେବ ବୋଲି ଜଣାପଡ଼ିଛି। ଏସବୁ କାର୍ଯ୍ୟକୁ ମୁଖ୍ୟପୂଜକ ବିଷ୍ଣୁପଦ ପାଠୀ, ବଳଦେବ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ରବିନାରାୟଣ ପାଠୀ ପ୍ରମୁଖ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ବ୍ରଜକିଶୋର ଭୂୟାଁ, ଦିବ୍ୟକାମ ମହାନ୍ତି, ମୁରଲୀମୋହନ ସାହୁ, ମଧୁସୂଦନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ବାରିକ, କାଳିଚରଣ ଦେ, ପ୍ରିୟନାଥ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିଜୟ ନାୟକ ଉପସ୍ଥିତ ଥିଲେ।

## ନୂତନ ଅଙ୍ଗନୱାଡି କେନ୍ଦ୍ର ଲାଗି ଭିତ୍ତିପ୍ରସ୍ତର



**ଭୋଗରାଇ, ୨୦।୪ (ପ୍ରଦୀପ ଦାସ)**

ବହୁଦିନର ଦାବି ପରେ ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତରେ ଅକ୍ଷୟ ତୃତୀୟା ଦିବସରେ ସୋମବାର ସାଢେ ୧୨ଲକ୍ଷ ଟଙ୍କା ଅନୁଦାନରେ ମହେଶପୁର ଗ୍ରାମରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମହେଶପୁର ସରପଞ୍ଚ ବରେନ୍ଦ୍ର କୁମାର ପାତ୍ରଙ୍କ ଉଦ୍ୟମ ଓ ପଞ୍ଚାୟତବାସୀଙ୍କ ଦାବି ଯୋଗୁ ଉକ୍ତ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଆବଶ୍ୟକତା ଥିବାରୁ ସରକାର ଲୋକଙ୍କ ଦାବି ପୂରଣ କରିଛନ୍ତି। ଏଥିରେ ଗ୍ରାମବାସୀ ଖୁସିବ୍ୟକ୍ତ କରିବା ସହିତ ସରପଞ୍ଚ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଡିପିଓ ପବିତ୍ରା ହାଜିରା ସହ, ବ୍ଲକର ପଦାଧିକାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମବିକେ, ସଂଘ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଧାୟକ ପଦ୍ମଲୋଚନ ପଣ୍ଡା ଜିଲା ଯୋଜନା କମିଟି ନୂତନ ଅଧକ୍ଷ

**ବାଲେଶ୍ୱର, ୨୦।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ଅକ୍ଷୟ ତୃତୀୟା ଅବସରରେ ବାଲେଶ୍ୱର ଜିଲା ଯୋଜନା କମିଟିର ନୂତନ ଅଧକ୍ଷ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ବିଧାୟକ ପଣ୍ଡା ପୂର୍ବାହ୍ନ ୧୧ଟାରେ ତାଙ୍କର କର୍ମୀ, ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ଏକ ଶୋଭାଯାତ୍ରାରେ ଆସି ଜିଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ରମଧା ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ

**ବାହାନଗା, ୨୦।୪(ଅରୂପ କୁମାର ଦାସ)**

ବାଲେଶର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ରମଧା ଜଗନ୍ନାଥ ମନ୍ଦିରରେ ରଥକାଠ ଅକ୍ଷୟ ତୃତୀୟା ଅବସରରେ ଅନୁକୂଳ କରାଯାଇଛି। ସୋମବାର ଅକ୍ଷୟ ତୃତୀୟାରେ ଜଗନ୍ନାଥ ମନ୍ଦିରରେ ରଥ କାଠ ଅନୁକୂଳ ସହିତ ଅଖ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଇତାପତି ଓ ବ୍ରାହ୍ମଣମାନେ ଜଗନ୍ନାଥ ମନ୍ଦିରରୁ ବାହାରି ମା' ମଙ୍ଗଳାଙ୍କ ନିକଟରେ ପହଞ୍ଚିଥିଲେ।ସେଠାରେ ମା'ଙ୍କ ପାଖରେ ଦଇତାପତି ସେବାୟତ ଧାରଣା ପଡ଼ିଥିଲେ। ମା'ଙ୍କ ପାଖରୁ ଶଙ୍ଖ, ଘଣ୍ଟ, ଖୋଳ, କର୍ତ୍ତାଳ, ହରିବୋଲ, ହୁଳହୁଳି ସହିତ ଆଜ୍ଞାମାଳ ନେଇ ଗ୍ରାମ ପରିକ୍ରମା କରି ରଥକାଠ ଅନୁକୂଳ କରିଥିଲେ। ରତିକାନ୍ତ ସାହୁ, ବୁଦ୍ଧିରାମ ସାହୁ, ଜୟନ୍ତ ମହାନ୍ତି, ପଞ୍ଚାନନ ସାହୁ, ସୁରେଶ ପାତ୍ର, ଭଗବାନ ନାୟକ, ବାବୁଲି ବିଶ୍ୱାଳ ସହଯୋଗ କରିଥିଲେ। ପଣ୍ଡିତ ନିରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ଶେଷ ହୋଇଥିଲ। ମୁଖ୍ୟ ପୂଜକ ରମାକାନ୍ତ ଦାଶ ପୂଜା ଶେଷ କରିଥିଲେ ।

## ରାଜପଥ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

**ବସ୍ତା, ୨୦।୪(ହରିଶଙ୍କର ପାଢ଼ୀ)**

ବାଲେଶ୍ୱର ଜିଲା ବସ୍ତା ଥାନା ୧୬ନମ୍ବର ଜାତୀୟ ରାଜପଥର କାଟିପୋଲ-ଦଣ୍ଡିକା ମଧ୍ୟରେ ଛିଡା ହୋଇଥିବା ମିକ୍ସଚର ଗାଡିରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସୋମବାର ଅପରାହ୍ନରେ ଲୋକଙ୍କଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ଯାଇ ଯୁବକଙ୍କ ଉଦ୍ଧାର କରି ମେଡିକାଲ ଆଣୁଥିବା ବେଳେ ମୃତକଙ୍କ ମୋବାଇଲ ଫୋନକୁ ଏକ ଅଜଣା କଲ ଆସିଥିଲା, ଯାହା ଯୁବକଙ୍କୁ କେହି ଜାଣି ଶୁଣି ହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତ ଯୁବକ ଯ ହେଲେ ବଂଶୀ ପ୍ରଧାନ (ବଣ୍ଟି)। ତାଙ୍କ ଘର ଖୋର୍ଦ୍ଧା, କଳାପଥର ଅଞ୍ଚଳରେ ବୋଲି ଜଣାପଡିଛି। ସେ ଦୀର୍ଘ ଦିନ ଧରି ମିକ୍ସଚର ମେଶିନର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ।

## କର୍କଟ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ପୁରୁଷ।

**ବାଲେଶ୍ୱର, ୨୦।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଖବରକାଗଜ ସେଇଠୁ ଆରମ୍ଭ ଓ ଡିଜିଟାଲ ମିଡିଆ ଓଡ଼ିଆ ନ୍ୟୁଜ ଡଟ୍ ଲାଇଭ ପକ୍ଷରୁ ରବିବାର ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ପ୍ରଶାନ୍ତ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱରର ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜିତ କର ଉପସ୍ଥିତ ରହି ୨ଶହରୁ ଅଧିକ ଜନସାଧାରଣଙ୍କୁ କର୍କଟ ରୋଗର ଲକ୍ଷଣ, କେଉଁ ସବୁ କାରଣ ପାଇଁ କର୍କଟ ରୋଗ ହୋଇଥାଏ, କେଉଁଭଳିପରିସ୍ଥିତିରେ ରୋଗର ପରୀକ୍ଷା କରିପାରିଲେ ଏଭଳି ମାରାତ୍ମକ ରୋଗରୁ ଆମେ ମୁକ୍ତ ହୋଇପାରିବା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ସମ୍ପାଦକ ଶୁଭେନ୍ଦୁ ଦାସ ପରିଚାଳନା କରି କହିଥିଲେ ଯେ, ଆଗାମୀ ଦିନରେ ପ୍ରତି ଘରେ କର୍କଟ ରୋଗରେ ଆକ୍ରାନ୍ତ ହେବାର ବିଭିନ୍ନ ସ୍ୱାସ୍ଥ୍ୟ ସଙ୍ଗଠନଗୁଡିକ ପୂର୍ବାନୁମାନ କରିଥିବାରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆଗକୁ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ସ୍ତରରେ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ଗଣମାଧ୍ୟମ ସଂସ୍ଥାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉଭୟ ପୂର୍ବତନ ବିଧାୟକ ଡାକ୍ତର ରଞ୍ଜିତ କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୮ନଂ. ୱାର୍ଡ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ୨୯ ନମ୍ବର ୱାର୍ଡ କାଉନସିଲର କାର୍ତ୍ତିକ ସାହୁ, ସାମାଜିକ କର୍ମୀ ତଥା ସଙ୍ଗଠକ ଶେଖ ଆନସର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ବିଶିଷ୍ଟ ଶିଳ୍ପପତି ଓ ସାମାଜିକ କର୍ମୀ ସୁଶୀଲ ରାଠୀ, ବରିଷ୍ଠ ଖବରଦାତା ରଞ୍ଜନ ବାଗ ଉପସ୍ଥିତ ରହି ସ୍ୱାସ୍ଥ୍ୟର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ।

# ରାସ୍ତା ନିର୍ମାଣ ପାଇଁ ଖୋଳିଦେଲେ ଗାଁ ପଡ଼ିଆ

**ଖଇରା, ୨୦।୪(ଉତ୍କଳବନ୍ଧୁ ପଣ୍ଡା)**

**ଅଭିଯୋଗ ପରେ ଜେସିବି ଜବତ କଲେ ଖଣି ଅଧିକାରୀ**



ଜବତ ହୋଇଥିବା ଜେସିବି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନସ୍ଥ ଡୁଙ୍ଗୁରା ଆରଡି ରାସ୍ତାରୁ ଭାୟା ଜଳଙ୍ଗ ଦେଇ ବଉଳାଣିପାଟଣା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ଚାଲିଥିବା ବେଳେ ଠିକାଦାର ରାସ୍ତା ପ୍ରଶସ୍ତିକରଣ ପାଇଁ ଗାଁ ପଡିଆକୁ ଖୋଳି ମାଟି ଉଠାଇନେବା ପ୍ରତିବାଦରେ ସମୂହ ଗ୍ରାମବାସୀ ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ସୋମବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା ଓ ସାନଜୟିପୁର ରାଜସ୍ୱ ନିରୀକ୍ଷକ ଦେବବ୍ରତ ସାହୁ ଜଳଙ୍ଗ ଗ୍ରାମରେ ପହଞ୍ଚି ମାଟି ଖୋଳୁଥିବା ଜେସିବିକୁ ଜବତ କରି ସିମୁଳିଆ ଥାନାକୁ ନେଇଛନ୍ତି । ନଷ୍ଟ କରାଯାଇଥିବା ଗୋଚର ଜମି ଗୋରୁଗାଈ ଚରିବା, ଖେଳ ପଡିଆ ତଥା ପର୍ବପର୍ବାଣି ପାଳନ ପାଇଁ ବ୍ୟବହାର କରାଯାଉଥିବା ବେଳେ ଠିକାଦାର ଏହାକୁ ମାଟି ଉଠାଇ ଖାଲ କରିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଜଣେ ୨ଜଣ ବ୍ୟକ୍ତି ଏଭଳି ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବା ବେଳେ ବାକି ଗ୍ରାମବାସୀଙ୍କ ଏହି ରାସ୍ତା ନିର୍ମାଣ ପ୍ରତି ସମର୍ଥନ ରହିଥିବା ନେଇ ସରପଞ୍ଚ ରାଜେନ୍ଦ୍ର ଦାସ ପାଲଟା ଅଭିଯୋଗ କରିଛନ୍ତି।

## ବୁଲେଟ ଧକ୍କାରେ ମହିଳା ମୃତ

**ସୋର(ଜନ୍ମେଜୟ ମିଶ୍ର)/ ଔପଦା (ଧରିତ୍ରୀ ପଣ୍ଡା), ୨୦।୪**

ଔପଦା ଥାନା କମାରପାଳ ବଜାରରେ ବୁଲେଟ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଆଘିରାପଦା ଗ୍ରାମର ମଞ୍ଜୁଲତା ଜେନା(୪୬)। ମଞ୍ଜୁଲତା ସୋମବାର ତାଙ୍କ ୬ ବର୍ଷର ପୁଅକୁ ଅଙ୍ଗନୱାଡିରେ ଛାଡି ସାଇକେଲ ଯୋଗେ ଘରକୁ ଫେରୁଥିଲେ। କମାରପାଳ ବଜାର ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ବୁଲେଟ ତାଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁଲେଟରେ ଥିବା ୨ଜଣ ଯୁବକଙ୍କ ସମେତ ମଞ୍ଜୁଲତା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଯୁବକ ଦୁଇଜଣଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଔପଦା ପୋଲିସ ଘଟଣାସ୍ଥଳରୁ ବାଇକକୁ ଜବତ କରିବା ସହିତ ସୋର ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ଯୋଗଦେଲେ ନୂଆ ଅତିରିକ୍ତ ଜିଲାପାଳ



ନୂତନ ଉପଜିଲାପାଳ ଅଜିତ କୁମାର।

ରାଇରଙ୍ଗପୁର,୨୦।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଭାବେ ଅଜିତ କୁମାର (ଆଇଏଏସ) ସୋମବାର ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କଠାରୁ ସେ ତାଙ୍କର ନୂତନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### ନିଖୋଜ ନାବାଳିକା ଉଦ୍ଧାର

ଗୋପବନ୍ଧୁ ନଗର, ୨୦।୪
(ଶାନ୍ତନୁ କୁମାର ମଣ୍ଡୁଆଳ)

୨୦୨୪ ଡିସେମ୍ବର ମାସରେ ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ବେଳେ ରବିବାର ରାତିରେ ସ୍ଥାନୀୟ କୁଆମରା ଫାଣ୍ଡି ଅଞ୍ଚଳରୁ ପୋଲିସ ତାଙ୍କୁ ଉଦ୍ଧାର କରିଛି। ୧୪ ବର୍ଷୀୟା ଉକ୍ତ ନାବାଳିକା ଜଣକ ଏକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ତେବେ ପରିବାର ଅଶାନ୍ତି ଯୋଗୁଁ ରାଗରେ ସେ ତାମିଲନାଡୁ ପଳାଇ ଯାଇଥିଲେ ବୋଲି ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ରଖିଛନ୍ତି। ସୋମବାର ଡାକ୍ତରୀ ମାଇନା ପରେ ପୋଲିସ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଟିସାରିରେ ଉଡ଼ା ଯାତ୍ରା

ଗୋପବନ୍ଧୁ ନଗର, ୨୦।୪
(ଶାନ୍ତନୁ କୁମାର ମଣ୍ଡୁଆଳ)

ଅକ୍ଷୟ ତୃତୀୟା ଅବସରରେ ବଡ଼ସାହି ବ୍ଲକ ପଟିସାରିସ୍ଥିତ ମା' ବାସୁଳୀଙ୍କ ପୀଠରେ ଉଡ଼ା ଯାତ୍ରା ସମ୍ପନ୍ନ ହୋଇ ଯାଇଛି। ପାଗ ଅନୁକୂଳ ଥିବାରୁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ୧୩ ଜଣ ଦାସୀ ଉଡ଼ିବାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଦାସୀ ଭାବେ ରଘୁନାଥ ବେହେରା, ସୁରେନ୍ଦ୍ର ବେହେରା, ନନ୍ଦ ଦେହୁରୀ, ବଜରଙ୍ଗୀ ଦେହୁରୀ, ଗୋପୀନାଥ ଦେହୁରୀ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ପ୍ରଶାନ୍ତ ମାଝୀ, ପ୍ରଫୁଲ୍ଲ ପାତ୍ର, ସର୍ବେଶ୍ୱର ଦେହୁରୀ, ସୋମନାଥ ମାଝୀ, ଅଶୋକ ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

### ଯୁଗ୍ମ ଜନଶୁଣାଣି ଶିବିର

କରଞ୍ଜିଆ,୨୦।୪(କବିତା ମହାନ୍ତ)

କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାରି ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ଦ୍ୱାରା ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୫ଟି ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୮୪ଟି ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ ଜଣଙ୍କୁ ମୋଟ ୪୫ ହଜାର ଓ ରେଡକ୍ରସ ଫଣ୍ଡରୁ ଜଣକୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପି.ଏ. ଚିତ୍ତରଞ୍ଜନ ମହାନ୍ତ, ଏସଡିପିଓ ନବକୃଷ୍ଣ ନାୟକ, ଉପ ଜିଲାପାଳ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଉପଜିଲାପାଳ ପ୍ରକାଶ ଦାସ ଉପସ୍ଥିତ ଥିଲେ।

### ଶୂନ୍ୟମାଧବ ଜୀଉଙ୍କ ରଥ ଚକରେ ଲାଗିଲା ଅଖ

ଖାରପୋଖରିଆ,୨୦।୪
(ସୁଧୀର କୁମାର ମହାନ୍ତ)

ଅକ୍ଷୟ ତୃତୀୟା ଅବସରରେ ସାରସକଣା ବ୍ଲକ ଶୀର୍ଷାସ୍ଥିତ ଶ୍ରୀ ଶୂନ୍ୟମାଧବ ଜୀଉଙ୍କ ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଜୀଉଙ୍କ ନିର୍ମାଣାଧୀନ ରଥ ଚକରେ ସୋମବାର ଅଖାଗିଛି। ମୁଖ୍ୟ ପୂଜକ ସତ୍ୟନାରାୟଣ ପଣ୍ଡାଙ୍କ ସହାୟତାରେ ପୂଜକ ରୁପେଶ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ରଥର ଚକ ଓ ଅଖକୁ ଭକ୍ତଙ୍କ ମେଳରେ ପୂଜା କରାଯାଇଥିଲା। ପରେ ମୁଖ୍ୟ ବିଶ୍ୱକର୍ମା ନରେଶ ମହାନ୍ତଙ୍କ ଦ୍ୱାରା ରଥ ଚକ ଓ ଅଖକୁ ପୂଜାର୍ଚ୍ଚନା କରାଯାଇ ଚକରେ ଅଖ ଲଗାଇ ଅନୁକୂଳ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରଦୀପ କୁମାର ବଶାଙ୍କ ସହିତ କମିଟିର ସଭ୍ୟଗଣ ଓ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ।

# ବାରିପଦା ରଥ ଅଖରେ ଲାଗିଲା ଚକ

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ରଥ କାଠ ପୂଜା କରାଯାଉଛି।

ଅକ୍ଷୟ ତୃତୀୟା ତିଥିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରେ ରଥ ଅଖରେ ଚକ ଲାଗି ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ସୋମବାର ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ ହୋଇଛି। ଶଙ୍ଖ,ଘଣ୍ଟ, ସଙ୍କୀର୍ତ୍ତନ, ହରିବୋଲ ଓ ହୁଳହୁଳିରେ ରଥଖଳା ଭକ୍ତିମୟ ପରିବେଶ ପାଲଟିଥିଲା। ଶତାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରି ଅପାର କୃପା ଲାଭ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ବେଳେ ରଥ ତିଆରି କାମ ମଧ୍ୟ ଆରମ୍ଭ ହୋଇଥାଏ। ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣରେ ପ୍ରବୃତ୍ତ ହୋଇଥାନ୍ତି। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମନ୍ଦିରରେ ଠାକୁର ମାନଙ୍କର ଦୈନନ୍ଦିନ ନୀତି ସମ୍ପନ୍ନ ହେବା ସହ ଅପରାହ୍ନରେ ଦହି ପଖାଳ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ମନ୍ଦିର ପରିଚ୍ଛା ଦୁର୍ଗା ଚରଣ ଜିତବାବୁ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଗ୍ରହଣ କରିବା ପରେ ଚନ୍ଦନ ଓ ସୁବାସିତ ଜଳ ସଞ୍ଚନ କରିଥିଲେ। ଏହାପରେ ମନ୍ଦିରର ସେବାୟତମାନଙ୍କ ଦ୍ୱାରା ମହାପ୍ରଭୁ ମଦନ ମୋହନ ଓ ବାସୁଦେବ (ବିଶ୍ୱକର୍ମା) ସହ ମାପଦଣ୍ଡକୁ ପହଣ୍ଡି ବିଜେରେ ବାହାରିଥିଲେ। ପ୍ରଥମେ ମହାପ୍ରଭୁ ମଦନ ମୋହନ ମନ୍ଦିରର ମେଘନାଦ ପାଚେରୀରେ ଥିବା ଚାହାଣି ମଣ୍ଡପ ସିଂହାସନରେ ବସି ରଥ ଖଳାକୁ ଦେଖିବା ପରେ ଠାକୁର ବିଶ୍ୱକର୍ମା ସହ ମାପଦଣ୍ଡ ରଥଖଳା ବିଜେ କରଥିଲେ। ମନ୍ଦିରର ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଅଖରେ ଚକ ଲାଗି କାର୍ଯ୍ୟ ପ୍ରଚଳିତ ରୀତିନୀତି ଓ ବିଧି ପରମ୍ପରା ଅନୁସାରେ ସମ୍ପାଦନ କରାଇବା ପରେ ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହା ପରେ ରଥ ଖଳାରୁ ଠାକୁର ଓ ମାପଦଣ୍ଡ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତିନି ଠାକୁରଙ୍କ ସେବାୟତମାନେ କଂସା ଥାଳିଆରେ ଚନ୍ଦନ ଓ ଗାମୁଛା ନେଇ ବେଢ଼ା ପରିକ୍ରମା କରିଥିଲେ । ତିନି ରଥ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଖକୁ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ନିଆଯାଇଥିଲା। ବଳଭଦ୍ରଙ୍କ ରଥ, ସୁଭଦ୍ରାଙ୍କ ରଥ ଓ ଜଗନ୍ନାଥଙ୍କ ରଥ ପାଇଁ ଆଜ୍ଞାମାଳ ଆଣି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।



ଉଦଳାଠାରେ ଅଖରେ ଚକ ଲାଗି କରାଯାଉଛି।

## ଅଖରେ ଲାଗିଲା ଚକ

ଉଦଳା,୨୦।୪(ସନ୍ତୋଷ କୁମାର ବାଛିନୀ)

ଅକ୍ଷୟ ତୃତୀୟା ଅବସରରେ ଉଦଳା ଜଗନ୍ନାଥ ମନ୍ଦିର ରଥଖଳାରେ ସୋମବାର ଅଖରେ ଚକ ଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ରତିକାନ୍ତ ଦାଶଙ୍କ ଦ୍ୱାରା ମନ୍ଦିରର ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଶ୍ରୀ ଜୀଉଙ୍କ ରୀତିନୀତି ସମ୍ପନ୍ନ ହୋଇଥିଲା। ପୂର୍ବାହ୍ନ ୯ ଟାରେ ନାମ ସଂକୀର୍ତ୍ତନ, ଶଙ୍ଖ ଘଣ୍ଟା ଶୋଭାଯାତ୍ରାରେ ପ୍ରଭୁ ଜଗମୋହନ ଦେବଙ୍କୁ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ରଥଖଳାକୁ ଅଣାଯାଇଥିଲା । ପୂଜାର୍ଚ୍ଚନା ପରେ ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ଅଖରେ ଚକ ଲାଗି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଲକ୍ଷ୍ମଣ ନାୟକ,ବରିଷ୍ଠ ସଦସ୍ୟ ମନୋରଞ୍ଜନ ପାଢୀ, ଉପଦେଷ୍ଟା ବସନ୍ତ ପରିଡା, ସୁଶିଲ କୁମାର ମହାନ୍ତି, ତାପସ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ ନୀତିକାନ୍ତିରେ ସହଯୋଗ କରିଥିଲେ। ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବିଭୂତି ମହାନ୍ତଙ୍କ ସମେତ ବହୁ ମହିଳା ଶ୍ରଦ୍ଧାଳୁ ଉପସ୍ଥିତ ରହି ଅଖରେ ଚକ ଲାଗି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିଭଳି ଡିହିରାକୁଳ ଜଗନ୍ନାଥ ମନ୍ଦିର କମିଟି ତରଫରୁ ଅଖରେ ଚକ ଲାଗି କରାଯାଇଛି। ରମେଶ ଚନ୍ଦ୍ର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଗବାନ ସାହୁ, ଭୀମଚରଣ ପୃଷ୍ଟି, କୈଳାସ ଚନ୍ଦ୍ର ହାତୀ, ସର୍ବେଶ୍ୱର ହାତୀଙ୍କ ସହ ମହିଳା ପୁରୁଷ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ। ଏହା ସହିତ ରାଢୋ, କଇଁସାରୀ, ଶ୍ରୀଦାମଚନ୍ଦ୍ରପୁରଠାରେ ଜଗନ୍ନାଥ ମନ୍ଦିର କମିଟି ତରଫରୁ ମଧ୍ୟ ଅଖରେ ଚକ ଲାଗି କରାଯାଇଥିବା ସୂଚନା ମିଳିଛି।

## ବିଡିଓ,ତହସିଲଦାରଙ୍କୁ ଶିକ୍ଷକ ସଂଘର ଦାବିପତ୍ର



ତହସିଲଦାର ଚନ୍ଦ୍ରଜିତ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବୈଶିଙ୍ଗା,୨୦।୪(ରତନ ଦାଶ)

ଜନଗଣନା କାର୍ଯ୍ୟରେ ବିଭିନ୍ନ ବିଭ୍ରାଟ ସମ୍ପର୍କରେ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର ଏବଂ ତହସିଲଦାର ଚନ୍ଦ୍ରଜିତ ବେହେରାଙ୍କୁ ଏକ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି।

ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀମାନଙ୍କୁ ସାମିଲ କରିବା ଓ ସାଧାରଣ ଲୋକଙ୍କ

**ଜନଗଣନା ଆରମ୍ଭରୁ ବିଭ୍ରାଟ**

ମଧ୍ୟରେ ଜନଗଣନା କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ। ଜନଗଣନା ପାଇଁ ନିଯୁକ୍ତ ଶିକ୍ଷା କର୍ମଚାରୀମାନଙ୍କୁ ସମ୍ପୃକ୍ତ ଅଞ୍ଚଳର ମ୍ୟାପ ଧରାଇ ଦିଆଯାଇଛି ଯାହାକୁ ତର୍ଜମା କରି ନିର୍ଦ୍ଦିଷ୍ଟ ପଡ଼ା ଓ ଗ୍ରାମ ଚିହ୍ନଟ କରିବା ସେମାନଙ୍କ ପାଇଁ କାଠିକର ପାଠ ହୋଇପଡ଼ିଛି। ଏହାବାଦ ବହିରାଗତ କର୍ମଚାରୀମାନଙ୍କୁ ସେହି ଅଞ୍ଚଳର ଜନସାଧାରଣଙ୍କ ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଯୋଗୁ ମଦ୍ୟପମାନଙ୍କ ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଅନ୍ୟ କେତେକ କ୍ଷେତ୍ରରେ ଅଜଣା ଅଚିହ୍ନା ବ୍ୟକ୍ତିଙ୍କୁ ନିଜ ପରିବାରର ସମସ୍ତ ତଥ୍ୟ ଦେବାକୁ ଲୋକେ ମନା କରିଦେଉଛନ୍ତି।

କାର୍ଯ୍ୟକ୍ରମରେ ଓଷ୍ଟା ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ଓପଟାର ରାଜ୍ୟ ଉପସଭାପତି ଭବେଶ ଚନ୍ଦ୍ର ପାଣିଗ୍ରାହୀ, ପିଷ୍ଟା ସଂଘର ଜିଲା ସଭାପତି ଶରତ କୁମାର ମହାନ୍ତ, ଜୟନ୍ତ କୁମାର ମହାନ୍ତ, ସନ୍ତୋଷ କୁମାର ବେହେରା,ବିଜୟ କୁମାର ପଣ୍ଡିତ, ତପସ୍ୱିନୀ ଓଝା, ସଞ୍ଜୟ କୁମାର ପଣ୍ଡିତ, ଗୌରହରି ପଣ୍ଡିତ, ଅମିୟ କୁମାର ପରିଡ଼ା, ଗଣେଶ କୁମାର ନାୟକ, ନିରୋଜ କୁମାର ମହାନ୍ତ, ନରହରି ମହାନ୍ତ, କଳ୍ପରେଖା ସେନାପତି, ଅନିତା ବିନ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମ ସଂରକ୍ଷିତ ଜଙ୍ଗଲରେ ଦନ୍ତା

ଉଦଳା,୨୦।୪(ସନ୍ତୋଷ କୁମାର ବାଛିନୀ)

ଉଦଳା ବନାଞ୍ଚଳ ଅଧୀନ ବେଗୁନିଆଡିହା ସଂରକ୍ଷିତ ଜଙ୍ଗଲରେ ଏକ ଗୋଠଛଡା ଦନ୍ତା ପଶିଛି। ସୋମବାର ସକାଳ ୬ଟା ସମୟରେ ଏହି ଗୋଠଛଡା ଦନ୍ତା ସଂରକ୍ଷିତ ଜଙ୍ଗଲ ଦେଇ ଜନବସତି ମୁହାଁ ହୋଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିବା ସହିତ ହାତୀକୁ ଜନବସତି ଭିତରକୁ ନ ପଶିବା ପାଇଁ ଘଉଡାଇ ଥିଲେ। ହାତୀଟି କୁଲଡିହା ଅଭୟାରଣ୍ୟରୁ ଖସି ଆସିଥିବା କୁହାଯାଉଛି।

### ସରପଞ୍ଚଙ୍କ ଘରୁ ଚୋରି

ବୈଶିଙ୍ଗା,୨୦।୪(ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତର ସରପଞ୍ଚଙ୍କ ଘରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ମନମୋହନ ମାଝିଙ୍କ ପରିବାର ଲୋକେ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧି କ୍ରିୟାରେ ଯୋଗ ଦେବାପାଇଁ ଶନିବାରଠାରୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ରବିବାର ବିଳମ୍ବିତ ରାତିରେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଦୁର୍ବୃତ୍ତ ଭିତରେ ପଶିଥିଲେ ଏବଂ ଏକ ଲୁହା ଆଲମିରା ଭାଙ୍ଗି ଗହଣାଗାଣ୍ଠି ନେଇଯାଇଥିବା ଅଭିଯୋଗ ହୋଇଛି।

## ତୀର୍ଥଯାତ୍ରୀ ବସ୍-କାର୍ ଧକ୍କା

### ଜଣେ ମୃତ, ୩ ଗୁରୁତର

ଠାକୁରମୁଣ୍ଡା,୨୦।୪(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଗୋଡ଼ଭଙ୍ଗା ଘାଟିରେ ସୋମବାର ତୀର୍ଥ ଯାତ୍ରୀ ବସ ସହ କାର ଓ ହାଇୱା ଧକ୍କା ହେବାରୁ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

ପ୍ରକାଶ ଯେ, ଭଦ୍ରକ ଜିଲା ହଂସପାଳ ଅଞ୍ଚଳରୁ ଏକ କାର ଠାକୁରମୁଣ୍ଡା ଯାଉଥିବା ବେଳେ ବିପରୀତ ଦିଗ ଠାକୁରମୁଣ୍ଡା ପଟୁ ଭାରତ ଭ୍ରମଣରେ ତାମିଲନାଡୁର ଲୋକଙ୍କୁ ନେଇ ଏକ ତୀର୍ଥଯାତ୍ରୀ ବସ ପୁରୀ ଅଭିମୁଖେ ଯାଉଥିଲା। ଗୋଡ଼ଭଙ୍ଗା ଘାଟି ନିକଟରେ ଅପରାହ୍ନ ପ୍ରାୟ ୪ଟା ସମୟରେ କାର ସହିତ ବସ୍‌ର ମୁହାମୁହିଁ ଧକ୍କା ହେବାରୁ କାରଟି ଘାଟିର ପ୍ରାୟ ୫୦ ଫୁଟ ତଳକୁ ଛିଟିକି ପଡ଼ିଥିଲା ଓ ବସ୍‌ଟି ଯାଇ କାର ପଛରେ ଆସୁଥିବା ଏକ ହାଇୱା ପଛ ପଟେ ଧକ୍କା ହୋଇଥିଲା। ଦୁର୍ଘଟଣାରେ କାରରେ ଥିବା ୫ ଜଣଙ୍କ ମଧ୍ୟରୁ ବିଦେଶୀ କୁମାର ଦାସ (୬୦) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ମମତା ଦାସ ( ୫୦) ଓ ତାଙ୍କ ପୁଅ ଦୁର୍ଗା ମାଧବ ଦାସ(୩୫), ଡ୍ରାଇଭର ହଲାନ ଖାଁ ଗୁରୁତର ହୋଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ମମତା,ଦୁର୍ଗା ମାଧବଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛ। ମହୁଲଡ଼ିହା ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଜିଲାସ୍ତରୀୟ କୃଷକ ଦିବସ

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୧ ପରିସରରେ ଜିଲା ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ଅଧ୍ୟକ୍ଷା ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରମ୍ପରା ଅନୁଯାୟୀ, ଅମୃତ ବେଳାରେ ପୂଜାର୍ଚ୍ଚନା ପରେ ଅତିଥିମାନେ କ୍ଷେତରେ ହଳ ଲଙ୍ଗଳ



ଅତିଥି ଅଖିମୁଠି ଅନୁକୂଳ କରୁଛନ୍ତି।

କରିବା ସହ ଧାନ ବିହନ ବୁଣି ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ ।

ସୂଚନାଯୋଗ୍ୟ, ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକଠାରୁ ଭର୍ଚୁଆଲ ମାଧ୍ୟମରେ ସିଡ ଅନ ହୁଇଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସିଏମ କିଷାନ ସହାୟତା ରାଶି ପ୍ରଦାନ କରିଥିଲେ। ଯାହାର ସିଧାପ୍ରସାରଣ ଉତ୍ସବସ୍ଥଳରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଚାଷୀ ଓ କୃଷି ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ମୋରଡ଼ା,୨୦।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ମୁଖ୍ୟ ଚିକିତ୍ସାଳୟ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବ୍ଲକ୍ ଅଧୀନ ସରାଶୋଳ ଗ୍ରାମର ଚିତ୍ତରଞ୍ଜନ ବେହେରା, ତାଙ୍କ ଝିଅ ଓ ଉକ୍ତ ଗ୍ରାମର ଜଣେ ପିଲାକୁ ଗତ ଶନିବାର କୁକୁର କାମୁଡ଼ିଥିଲା। ଚିତ୍ତ ତାଙ୍କ ଝିଅ ଓ ଉକ୍ତ ପିଲାକୁ ଧରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ଧ୍ୟାରେ ପହଞ୍ଚି ଥିବା ବେଳେ ସେହି ସମୟରେ ଡାକ୍ତର ରୋହିତ ଗାନ୍ଧୀ ଡ୍ୟୁଟିରେ ଥିଲେ। ତେବେ ଚିତ୍ତରଞ୍ଜନଙ୍କ ସହିତ ଆସିଥିବା ପିଲାମାନଙ୍କୁ ଡ୍ୟୁଟିରେ ଥିବା ଜଣେ ସିକ୍ୟୁରିଟି ଗାର୍ଡ ନାମ, ଠିକଣା ପଚାରି ରେଜିଷ୍ଟର ଲେଖିବା ସହିତ କ'ଣ ହୋଇଛି ବୋଲି ରୋଗୀଙ୍କ ବାବଦରେ ବୁଝିଥିଲେ। ଯେଉଁ କାର୍ଯ୍ୟ ଜଣେ ଡାକ୍ତର ବା ଫାର୍ମାସିଷ୍ଟ କରିବା କଥା। ତେବେ କିଛି ସମୟରେ ଡାକ୍ତର ଗାନ୍ଧୀ ଆସିଥିଲେ ଏବଂ କୁକୁର କାମୁଡା ଭ୍ୟାକସିନ ସକାଳ ସମୟରେ ଦିଆଯାଏ ଓ ସାତ ଦିନ ଭିତରେ ଭ୍ୟାକସିନ ନେଇ ପାରିବେ, ବର୍ତ୍ତମାନ ଭ୍ୟାକସିନ ଦେଇ ହେବ ନାହିଁ ବୋଲି ଡାକ୍ତର ଗାନ୍ଧୀ ଚିତ୍ତରଞ୍ଜନଙ୍କ ଝିଅକୁ କହିଥିଲେ। ଏହାପରେ ଚିତ୍ତରଞ୍ଜନ ଡାକ୍ତରଖାନା ଅଧିକାରୀ ହାମ୍ବିରା ମୁର୍ମୁଙ୍କୁ ଜଣାଇବା ପରେ ଭ୍ୟାକସିନ ଉକ୍ତ ତିନି ଜଣଙ୍କୁ ଦିଆଯାଇଥିଲା। ତେବେ ଡାକ୍ତରଖାନାରେ ଚିକିତ୍ସା ହେବାରେ ବ୍ୟତିକ୍ରମ ହେଉଛି ବୋଲି ଅଭିଯୋଗ କରିଛନ୍ତି ଚିତ୍ତରଞ୍ଜନ। ଏବାବଦରେ ଡାକ୍ତର ଗାନ୍ଧୀଙ୍କୁ ପଚାରିବାରୁ ଡ୍ୟୁଟି କରୁଥିବା ସିକ୍ୟୁରିଟି ଗାର୍ଡ ରୋଗୀଙ୍କୁ ଚିକିତ୍ସା କରୁ ନ ଥିଲେ। ସେ କେବଳ ରୋଗୀଙ୍କ ନାମ, ଠିକଣା ଲେଖିବା ପାଇଁ ସହଯୋଗ କରୁଥିଲେ ବୋଲି କହିଛନ୍ତି।

## ସାରସକଣା ଶ୍ରୀ ଜଗନ୍ନାଥଙ୍କ ରଥ କାଠ ଅନୁକୂଳ

ଖାରପୋଖରିଆ,୨୦।୪(ସୁଧୀର କୁମାର ମହାନ୍ତ)

ସାରସକଣା ଶ୍ରୀ ଜଗନ୍ନାଥ ପୀଠରେ ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ଜଗନ୍ନାଥଙ୍କ ରଥକାଠ ଅନୁକୂଳ ହୋଇଛି। ଦେଉଳ ପୁରୋହିତ ମନୋଜ ରଞ୍ଜନ ଦାସ, ଅକ୍ଷୟ କୁମାର କର,ଦିବ୍ୟ ସୁନ୍ଦର କର ଓ ଅତନୁ କରଙ୍କ ବେଦ ପାଠ ଏବଂ ମନ୍ତ୍ରଧ୍ୱନୀ ମଧ୍ୟରେ ଦିଅଁଙ୍କ ସେବକ ଅତୁଲ ଚନ୍ଦ୍ର ଦାସଙ୍କ ସଙ୍କଳ୍ପରେ ପୂଜାକର୍ମଣ କରାଯାଇଥିଲା। ଉକ୍ତ ଶୁଭ କାର୍ଯ୍ୟରେ ସାରସକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର ସେବିକା,ସେବକ ନବ କିଶୋର ସେଠୀ, ଅନ୍ତର୍ଯ୍ୟାମୀ ସାହୁ,ଭାରତୀ ସାହୁ ଓ ପ୍ରତିଭା ସାହୁ ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ସଭ୍ୟା,ସଭ୍ୟ,ଭକ୍ତ ଗଣ ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍ଗିରିପୋଷିରେ ରଥ କାଠ ପୂଜାର୍ଚ୍ଚନା

ବାଙ୍ଗିରିପୋଷି,୨୦।୪(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷିସ୍ଥିତ ଶଙ୍କର ମାଧବ ତୀର୍ଥଶ୍ରମ ଆଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅକ୍ଷୟ ତୃତୀୟାରେ ରଥ କାଠ,ଚକର ପୂଜାର୍ଚ୍ଚନା ସହିତ ଶୁଭ ଦିଆଯାଇଛି। ଶଙ୍ଖ,ହୁଳହୁଳି, ନାମକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ଗୋଟିଏ ରଥରେ ତିନି ବିଗ୍ରହଙ୍କୁ ବିରାଜମାନ କରାଯିବ ବୋଲି କମିଟି କହିଛି। ୩୪ ବର୍ଷ ଧରି ବାଙ୍ଗିରିପୋଷିରେ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। କାଠ ମହାରଣା ଭଜହରି ନାଏକ ରଥ ନିର୍ମାଣର ଶୁଭାରମ୍ଭ କରିଥିଲେ। ପୂଜକ ସତ୍ୟବ୍ରତ ପଣ୍ଡା, ନୃସିଂହ ମହାପାତ୍ରଙ୍କ ଦ୍ୱାରା ରଥକାଠ ପୂଜାର୍ଚ୍ଚନା ହୋଇଥିଲା। କମିଟି ତରଫରୁ ଆକାଶ ମହତା ସଂକଳ୍ପ କରିଥିଲେ।

# ଏମ୍ସ ପ୍ରତିଷ୍ଠା ଦାବିରେ ଶୋଭାଯାତ୍ରା

ବାରିପଦା,୨୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମାସା ଆର୍ମୀ ପକ୍ଷରୁ ଆୟୋଜିତ ବାଇକ୍ ଶୋଭାଯାତ୍ରା।

ମୟୂରଭଞ୍ଜ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ସମସ୍ତ ସ୍ୱାସ୍ୟ କେନ୍ଦ୍ର ଓ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ସ୍ୱାସ୍ଥ୍ୟ ସେବାରେ ସୁଧାର ସହ ମୟୂରଭଞ୍ଜ ବାସୀଙ୍କୁ ବିଶ୍ୱସ୍ତରୀୟ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ମୟୂରଭଞ୍ଜରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏନେଇ ସୋମବାର ମୟୂରଭଞ୍ଜର ଜାଗ୍ରତ ସଂଗଠନ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବାରିପଦାର ମୁର୍ଗାବାଡିଠାରୁ ଆରମ୍ଭ ହୋଇ ମୁଖ୍ୟ ମାର୍କେଟ ଦେଇ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟଠାରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଈଶ୍ୱର ନାଏକଙ୍କୁ ପ୍ରଦାନ କରାଯାଇଛି । ଏହାର ଏକକିତା ନକଲ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡିଶା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପ୍ରେରଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ମୁର୍ମୁ, ସାମାଜିକ କର୍ମୀ ଆନ୍ତା ଆଲୋକ ବାସ୍କେ, ଫାଣ୍ଟୁସ ମୁର୍ମୁ, ଗୌତମ ସିଂ, ବ୍ରଜେଶ ମୁର୍ମୁ, ଭଞ୍ଜ ଦିଶମ ମାଝୀ ମହଲର ସୁବୋଧ ଚନ୍ଦ୍ର ସୋରେନ, ପ୍ରଭୁଦାନ ମାରାଣ୍ଡି, ସୁନାରାମ ସୋରେନ, ମନୋରଞ୍ଜନ ହେମ୍ବ୍ରମ,ଦୁର୍ଯ୍ୟୋଧନ ମୁର୍ମୁ, ଲାଲ ମୋହନ ବାସ୍କେ, ବିଶ୍ଣୁ ମୁର୍ମୁ, ଅର୍ଜୁନ ଟୁଡୁ, ଶ୍ୟାମ ସୁନ୍ଦର ବାସ୍କେ, ଗୋପିନାଥ ବାସ୍କେ, ମୁକେଶ କିସ୍କୁ, ଲାଲ ବାହାଦୁର ମାରାଣ୍ଡି, ଗୋରାଚାନ୍ଦ ଟୁଡୁ କିସୁନ କିସ୍କୁ ପ୍ରମୁଖ ସାମିଲ ଥିଲେ।

# ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ପ୍ରସ୍ତୁତି

ବନ୍ତ,୨୦।୪
(କିଶୋର କୁମାର ସେଠୀ)

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ବନ୍ତ ବ୍ଲକ୍ ନିମାପଡ଼ାସ୍ଥିତ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ କମିଟି ପକ୍ଷରୁ ରଜ ମହୋତ୍ସବ ପାଇଁ ସୋମବାର ପ୍ରସ୍ତୁତି ଆରମ୍ଭ ହୋଇ ମନ୍ଦିର ପରିସରରେ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟମଣି ରାଉଳଙ୍କ ଦ୍ୱାରା ପୂଜାକାର୍ଯ୍ୟ ହୋଇଥିଲା। ମହୋତ୍ସବକୁ ଅଧିକ ଆଡ଼ମ୍ବରପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ସଭାପତି ଶୁଭେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ସଂଯୋଜକ ଅଜୟ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଉପସଭାପତି ହୃଷୀକେଶ ମିଶ୍ର, ସହସମ୍ପାଦକ ଶ୍ୟାମସୁନ୍ଦର ଯେନା, କୋଷାଧ୍ୟକ୍ଷ ସନାତନ ସେଠୀ, ଉପଦେଷ୍ଟା ଡ. ସୁଧାଂଶୁ ଶେଖର ନାୟକ, ଡ. ମୂରଲୀଧର ସୂତାର, ନାରାୟଣ ଚନ୍ଦ୍ର ସାମଲ, ଭାଗୀରଥି ସେଠୀ, ଗଣେଶ ପ୍ରସାଦ କରଶର୍ମା, ସୁରେଶ କୁମାର ବିଶ୍ୱାଳ, ପତଞ୍ଜଳି କରଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିମୁଠି ଅନୁକୂଳ କଲେ ମନ୍ତ୍ରୀ

## ଜିଲ୍ଲାର ୨,୧୩,୭୭୫ ଚାଷୀଙ୍କୁ ମିଳିଲା ସିଏମ୍ କିଷାନ ସହାୟତା

ଭଦ୍ରକ,୨୦।୪
(ସନାତନ ରାଉତ/ରବିନାରାୟଣ ଖିଲାର)


ଅଖିମୁଠି ଅନୁକୂଳ ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ହଳ କରୁଛନ୍ତି।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ଭଦ୍ରକ ଜିଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଭଦ୍ରକ ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ, ଚାଷୀମାନେ ଦେଶ ଓ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସିଏମ୍ କିଷାନ ଯୋଜନା ମାଧ୍ୟମରେ ଦିଆଯାଉଥିବା ଆର୍ଥିକ ସହାୟତା ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ କୃଷି କାର୍ଯ୍ୟରେ ସହାୟକ ହେବ। ଏହି ଅବସରରେ ଚଳିତବର୍ଷର ଚାଷ କାର୍ଯ୍ୟର ଶୁଭାରମ୍ଭ ପାଇଁ ମନ୍ତ୍ରୀ ଅଖିମୁଠି ଅନୁକୂଳ କରିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଓ ଜିଲାପାଳ ଦିଲୀପ ରାଉତରାଏ ଯୋଗ ଦେଇଥିବା ବେଳେ ସମସ୍ତ ଅତିଥି ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସିଏମ୍ କିଷାନ ସହାୟତା' ଖରିଫ-୨୦୨୬ ପାଇଁ ପ୍ରଦାନ କରୁଥିବା କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଜିଲାର ୨,୧୩,୭୭୫ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ୪୨ କୋଟି ୭୫ ଲକ୍ଷ ୫୦ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା। ଅକ୍ଷୟ ତୃତୀୟା ଆମ ମାଟି ଏବଂ ଓଡ଼ିଆଙ୍କ ସମୃଦ୍ଧିର ପର୍ବ। କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ଠିକ୍ ପ୍ରତିଫଳନ କରିବା ହେଉଛି ଜିଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ଚାଷୀମାନେ ସମୃଦ୍ଧ ହେଲେ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ବାସୁଦେବପୁର ବିଧାୟକ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରୀତିରେଖା ମହାଲିକ, ଜିଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ ମହାନ୍ତି, କେବିକେର ମୁଖ୍ୟ ଡ. ବିଶ୍ୱରଞ୍ଜନ ନାୟକ ପ୍ରମୁଖ କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କରେ କୃଷକମାନଙ୍କୁ ସଚେତନ କରାଇଥିଲେ। ଧାମନଗର ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସିଏମ୍ କିଷାନ ଯୋଜନା ଅନ୍ତର୍ଭୁକ୍ତ କୃଷି ବିଦ୍ୟାନିଧି ଯୋଜନାରେ ୨୦୨୫-୨୬ ଶିକ୍ଷାବର୍ଷରେ ଜିଲାର ସମୁଦାୟ ୬୦୮୭ ଛାତ୍ରୀଛାତ୍ରଙ୍କୁ ସର୍ବମୋଟ ୨୫.୭୮ କୋଟି ଟଙ୍କାର ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ପୂର୍ବବର୍ଷ ତୁଳନାରେ ସାଢ଼େ ୪ ଗୁଣ ଅଧିକ ବୋଲି ସୂଚନା ଦିଆଯାଇଛି।

# ବେଆଇନ କରତକଳରେ ଚଢ଼ାଉ

## ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ଧାମନଗର, ୨୦।୪ (ଦେବେନ୍ଦ୍ର ଆଦିଆ)

ଧାମନଗର ଏନ୍ଏସି ଅଧୀନ ହବିବନଗରଠାରେ ଏକ ବେଆଇନ କରତକଳରେ ସୋମବାର ଧାମନଗର ବନ ବିଭାଗ ଚଢ଼ାଉ କରିଛି। କରତକଳରୁ ପୁଣ୍ଡିଆ, ଜାମୁ, ଅର୍ଜୁନ ଓ ଅନ୍ୟାନ୍ୟ କାଠ ଗଡ଼ ସହ ଯନ୍ତ୍ରାଂଶ ଜବତ କରାଯାଇଛି। ଚାନ୍ଦବାଲି ଡିଏଫ୍ଓଙ୍କ ମୃତ୍ୟୁ ପରେ ଚାର୍ଜରେ ଥିବା ଭଦ୍ରକ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଧାମନଗର ଏନଏସି ଅଧୀନ ମୁଖ୍ୟରାସ୍ତା ପାର୍ଶ୍ୱରେ ହବିବନଗରଠାରେ ଚାଲୁଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲା। ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରେଞ୍ଜର ବବୁଲ ମଲିକଙ୍କ ସୂତ୍ରରୁ ପ୍ରକାଶ। ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଥିବା ଜଣାଯାଇଛି। ଧାମନଗର ବନବିଭାଗ ରେଞ୍ଜର ମଲିକଙ୍କ ସହ ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ମଧୁସ୍ମିତା ମହାନ୍ତି, ଫରେଷ୍ଟଗାର୍ଡ ପୀତବାସ ଶଙ୍ଖୁଆ, ସୁହାସିନୀ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଲିପିକା ପ୍ରିୟଦର୍ଶିନୀ ଦାସ, ଲକ୍ଷ୍ମୀ ହେମ୍ବ୍ରମ, ରେବତୀ ତ୍ରିପାଠୀ ଓ ନିକିତା ସିଂ ଚଢ଼ାଉରେ ସାମିଲ ଥିବାବେଳେ ଧାମନଗର ପୋଲିସ ସହାୟତା କରିଥିଲା।

ତେବେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା କରତକଳ ଉପରେ ବନ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ସପ୍ତାହେ ତଳେ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରଠାରେ ଚଢ଼ାଉ କରାଯାଇଥିଲା। ପୁଣି ଆଜିର ଏହି ଚଢ଼ାଉ ପରେ ବେଆଇନ କରତକଳ ଚଳାଉଥିବା ମାଲିକଙ୍କ ମଧ୍ୟରେ ଛନକା ପଶିଛି। ଆଗାମୀ ଦିନରେ ଏହି ଚଢ଼ାଉ ପର୍ଯ୍ୟାୟକ୍ରମେ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ



ବାସୁଦେବପୁର,୨୦।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଓ ଇରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ପାଳନ କରାଯାଇଛି। ସକାଳେ ଏସ୍ପି ମନୋଜ ରାଉତ ପତାକା ଉତ୍ତୋଳନ କରି ଅଟଳ ବିହାରୀ ହାଇସ୍କୁଲ ଛକରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାସୁଦେବପୁର ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ, ସ୍ରଷ୍ଟା ଓ ସୃଷ୍ଟି, ବାସୁଦେବପୁର ସାମ୍ବାଦିକ ସଂଘ ପକ୍ଷରୁ ତ୍ରୈଲୋଚନ ଜେନା, ବସନ୍ତ କୁମାର ଦାସ, ଦୁଃଶାସନ ରାଉତ, ପ୍ରହ୍ଲାଦ ବାରିକ, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ସୁଧାଂଶୁ ମିଶ୍ର, ରତ୍ନାକର ବାରିକ, ଉଦୟ କୁମାର ଜେନା, ରଞ୍ଜନ ନାୟକ, ଧନେଶ୍ୱର ରାଉତ, ସୁଶେଷ ରଞ୍ଜନ ବାରିକ, ବାସୁଦେବପୁର ଥାନା ଆଇଆଇସି ନୀରଜ କୁମାର ସାମଲ, ଶରତ କୁମାର ପଣ୍ଡା ପ୍ରମୁଖ କବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏସ୍ପି ଇରମରେ ପହଞ୍ଚି ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଦେବା ସହ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଶହୀଦ ପୀଠ ଇରମରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସାବିତ୍ରୀ ବଳ ଯୋଗଦେଇ କବି ବାଞ୍ଛାନିଧି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ରତ୍ନାକର ବାରିକ, ଅନ୍ୟତମ ଅତିଥି ଭାବେ ଶହୀଦ ସ୍ମୃତି କମିଟିର ପୂର୍ବତନ ସମ୍ପାଦକ ରତିକାନ୍ତ ରାୟ ଓ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କଟଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଦୁଃଶାସନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମହେଶ ଚନ୍ଦ୍ର ଦାଶ, ରତିକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିଙ୍କ ପ୍ରତିମୂର୍ତ୍ତି ସହ ଶହୀଦ ପୀଠରେ ମାଲ୍ୟାର୍ପଣ କରାଯାଇଥିଲା।

# ଭାଜପା ପକ୍ଷରୁ ଅକ୍ଷୟ ତୃତୀୟା, ସମରସତ୍ତା ଦିବସ ପାଳିତ

ବନ୍ତ,୨୦।୪(କିଶୋର କୁମାର ସେଠୀ)

ବନ୍ତ ବ୍ଲକ ନିଲୋକ ପଞ୍ଚାୟତର ଦୋଳପଦୀ ଆଦିବାସୀ ସାହିଠାରେ ସୋମବାର ଭାଜପା ପକ୍ଷରୁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀସ୍ତରୀୟ ଅକ୍ଷୟ ତୃତୀୟା ଓ ସମରସତ୍ତା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅଖିମୁଠି ଅନୁକୂଳ ହୋଇଥିଲା। ବରଡ଼େଶ୍ୱର ମଣ୍ଡଳ ସଭାପତି ଇଂ. ପ୍ରମୋଦ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦ୍କରଙ୍କ ଜୀବନାଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ବରିଷ୍ଠ ନେତା ଆନନ୍ଦ ଚନ୍ଦ୍ର ଓଝା, କମଳାକାନ୍ତ ସାହୁ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ନିଲୋକ ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, କୃଷକ ନେତା ଶଙ୍କର୍ଷଣ ଜେନା, ଜିତେନ୍ଦ୍ର ନାୟକ, ମନୋଜ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ସେନାପତି, ହରେକୃଷ୍ଣ ସେନାପତି, ସରୋଜ ମଲ୍ଲିକ, ଦେବାଶିଷ ବିଶ୍ୱାଳ, ଅଶୋକ ଖୁଣ୍ଟିଆ, ଆଲୋକ ମିଶ୍ର, ୱାର୍ଡସଭ୍ୟା ସ୍ନେହଲତା ସାହୁ, ପୁଷ୍ପଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅକ୍ଷୟ ତୃତୀୟାରେ ଚାଷୀ ମୁଣ୍ଡରେ ଚଡ଼କ

## କାଣ୍ଡବିନ୍ଧା, ଗୁଣ୍ଡିପୋକ ଯୋଗୁ ଫସଲ ନଷ୍ଟ

ଧୁଷୁରୀ, ୨୦।୪ (ଦୀପ୍ତିରଞ୍ଜନ ନାୟକ)


ରଇପୁର ପଞ୍ଚାୟତର ଏକ ଚାଷଜମିରେ ପୋକ ଲାଗିଥିବା ଯୋଗୁ ଧାନକେଣ୍ଡା ନଷ୍ଟହୋଇ ଧଳା ଦିଶୁଛି।

ଅକ୍ଷୟ ତୃତୀୟାରେ ସାରା ଓଡ଼ିଶାରେ ଚାଷୀ ଅଖିମୁଠି ବାହି ଚାଷ ଅନୁକୂଳ କରିଥିବା ବେଳେ ଧାମନଗର ବ୍ଲକର ପାଳସାହି ଓ ରଇପୁର ପଞ୍ଚାୟତରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ୨ ପଞ୍ଚାୟତରେ ଚାଷୀଙ୍କ ଶତାଧିକ ଏକର ଜମିରେ ହୋଇଥିବା ଡାଲୁଅ ଧାନ କାଣ୍ଡବିନ୍ଧା ଓ ଗୁଣ୍ଡିପୋକ ପାଇଁ ନଷ୍ଟ ହୋଇଯାଇଛି। ପୋକ ଲାଗିବା ଯୋଗୁ ଧାନକେଣ୍ଡାରେ ଧାନ ଅଗାଡ଼ି ହେବା ସହ ଧଳା ଦିଶୁଛି। ଫସଲ ନଷ୍ଟ ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ରଇପୁର ପଞ୍ଚାୟତର କାଠମୁଣ୍ଡା, ନିଧିବିନ୍ଧା, ପାଳପୁର, କଣ୍ଟିକା, ରଇପୁର ଆଦି ଗାଁରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପାଳସାହି ପଞ୍ଚାୟତରେ ବେତାଳିଗାଁ, ପାଳସାହି, କୁଳସାହି, ତେଲିପାଟଣା, ଗଡଗଡି, ସାହୁସାହି ଆଦି ଗ୍ରାମରେ ମଧ୍ୟ ସମାନ ପରିସ୍ଥିତି। ଲକ୍ଷାଧିକ ଟଙ୍କା କରଜ କରି ଚାଷୀ ଏହି ଡାଲୁଅ ଧାନ ଚାଷ କରିଥିଲେ। ଉପଯୁକ୍ତ ସମୟରେ ଜଳ ମଡ଼ାଇବାଠାରୁ ଆରମ୍ଭ କରି ରାସାୟନିକ ସାର ଓ କୀଟନାଶକ ଔଷଧ ମଧ୍ୟ ଠିକ୍ ଭାବେ ପ୍ରୟୋଗ କରାଯାଇଥିଲା। ହେଲେ ଧାନ ପାଚିବା ପୂର୍ବରୁ ଫସଲ ହାନି ଘଟିବା ସହ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଏନେଇ ଚାଷୀମାନେ ବେତାଳିଗାଁସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଧାମନଗର ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ରୂପେ ଜଣାଇଥିବା କହିଛନ୍ତି। ଫସଲ କ୍ଷୟକ୍ଷତି ବାବଦରେ ତଦନ୍ତ କରି ସହାୟତା ରାଶି ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି।

# ମନ୍ଦିର ଦଧିନଉତି ସ୍ଥାପନ ମହୋତ୍ସବ

ତିହିଡ଼ି,୨୦।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ନାୟକସାହି ଗ୍ରାମରେ ସୋମବାର ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ଦଧିନଉତି ସ୍ଥାପନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୬୯ବର୍ଷ ଧରି ଗ୍ରାମରେ ପୂଜା ପାଉଥିବା ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ଏହି ମହୋତ୍ସବ ମା' ମଙ୍ଗଳା ଯୁବକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା। ସକାଳେ ମା'ଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ପରେ ମନ୍ଦିର ନିକଟସ୍ଥ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଯଜ୍ଞ କର୍ତ୍ତା ଭାବେ ଦିବାକର ନାୟକ ଓ ତାଙ୍କ ସ୍ତ୍ରୀ କାମିନୀବାଳା ନାୟକ କାର୍ଯ୍ୟ ତୁଲାଇଥିଲେ। ପରେ ମନ୍ଦିରରେ ପୂଜାପାଠ କରାଯାଇ ଦଧିନଉତି ସ୍ଥାପନ କରାଯାଇଥିଲା। ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ଲମ୍ବୋଦର ନାୟକ, ସୌଭାଗ୍ୟ ସୁନ୍ଦର ନାୟକ, ଶଶଧର ନାୟକ, ପ୍ରଦୀପ ନାରାୟଣ ମହାନ୍ତି, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହୋଇଥିଲା। ଦୁଷ୍ମନ୍ତ ନାୟକ, ସତ୍ୟବ୍ରତ ନାୟକ, ଚିତ୍ତଚିନ୍ମୟ ନାୟକ, ସ୍ୱରୂପ ରଞ୍ଜନ ନାୟକ, ସୌମ୍ୟରଞ୍ଜନ ନାୟକ, ଦେବେନ୍ଦ୍ର ମହାନ୍ତି, ସରୋଜ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଡ଼ାଇଯାଉଛି ବ୍ଲକ କୃଷି ବିଭାଗ

## ୧୦ ବର୍ଷ ହେଲା ପାଳନ ହେଉନି ଅକ୍ଷୟ ତୃତୀୟା

ଭଣ୍ଡାରିପୋଖରୀ,୨୦।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀର ପୁରପଲ୍ଲୀରେ ଚାଷୀମାନେ ସୋମବାର ଅକ୍ଷୟ ତୃତୀୟା ପର୍ବ ପାଳନ କରିଛନ୍ତି। ଚାଷୀମାନେ କୃଷି କ୍ଷେତ ପୂଜାର୍ଚ୍ଚନା କରିବା ସହ ଅଖିମୁଠି ଅନୁକୂଳୟ କରିଛନ୍ତି। କିନ୍ତୁ ୧୦ ବର୍ଷ ହେଲା ବ୍ଲକ କୃଷି ବିଭାଗ ଏହି ପର୍ବ ପାଳନକୁ ଏଡ଼ାଇ ଦେଉଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ଓ ଜିଲାସ୍ତରରେ ଏହି ଉତ୍ସବ ପାଳନ କରାଯାଉଛି। ମାତ୍ର ବ୍ଲକସ୍ତରୀୟ ଉତ୍ସବ ବନ୍ଦ କରାଯିବା ଯଥାର୍ଥତା ଉପରେ କୃଷକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡାଙ୍କୁ ପଚାରିବାରୁ ଜିଲାସ୍ତରୀୟ ଉତ୍ସବ ପାଳନ ହେଉଥିବାରୁ ବ୍ଲକସ୍ତରୀୟ ଉତ୍ସବର ଆବଶ୍ୟକତା ନାହିଁ ବୋଲି କହିଛନ୍ତି।

# ମହିଳା, ଶିଶୁ ଡେସ୍କର ନୂତନ କକ୍ଷ ଉଦ୍ଘାଟିତ

ବାସୁଦେବପୁର,୨୦।୪(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଥାନାରେ ମହିଳା ଓ ଶିଶୁ ଡେସ୍କର ନୂତନ କକ୍ଷ ସୋମବାର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍ପି ମନୋଜ କୁମାର ରାଉତ ଯୋଗଦେଇ ଥାନାକୁ ଅଭିଯୋଗ ନେଇ ଆସୁଥିବା ମହିଳା ଓ ଶିଶୁମାନଙ୍କୁ ପୋଲିସ ବନ୍ଧୁ ଭାବେ ସେମାନଙ୍କ ସମସ୍ୟା ଶୁଣିବା ସହ ଅପରାଧ ରୋକିବା ପାଇଁ ଏହା ସହାୟକ ହେବ ବୋଲି କହିଥିଲେ। ମହିଳା ଓ ଶିଶୁମାନଙ୍କର ଅଭିଯୋଗ ଶୁଣିବା ପାଇଁ ସ୍ୱତନ୍ତ୍ର ଭାବେ ମହିଳା ପୋଲିସ, କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥିବା ଏସ୍ପି କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ମହିଳା ଓ ଶିଶୁମାନେ ଉପସ୍ଥିତ ଥିଲେ। ସଦର ଏସ୍ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାଧିକାରୀ ନିରୋଜ କୁମାର ସାମଲ, ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ଏସ୍ଆଇ ପ୍ରିୟବ୍ରତ ବିଶ୍ୱାଳ, ଏଏସ୍ଆଇ ବିଶ୍ୱମ୍ବର ନାୟକ, ସସ୍ମିତ ସ୍ୱରୂପ ପଣ୍ଡା, ସେବତୀ କର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାର ଡିସିସି ସନ୍ଥପୁରା ଚାମ୍ପିୟନ

## ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ

ଚାନ୍ଦବାଲି,୨୦।୪(ରତିକାନ୍ତ ବାରିକ୍)

ଚାନ୍ଦବାଲି ବ୍ଲକ ଉତ୍ତୁକୁଡ଼ା ପଞ୍ଚାୟତ ବିଶୁଆଳି ଗ୍ରାମର ହାପି କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ବିଶେଶ୍ୱର କ୍ରିକେଟ ପଡ଼ିଆରେ ୧୬ତମ ଏକଦିବସୀୟ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୮ଟି କ୍ରିକେଟ୍ କ୍ଲବ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ନୋ କମ୍ପ୍ରୋମାଇଜ୍ କ୍ରିକେଟ୍ କ୍ଲବ୍‌କୁ ୨୨ ରନ୍‌ରେ ହରାଇ କେନ୍ଦ୍ରାପଡ଼ାର ଡିସିସି ସନ୍ଥପୁରା କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି।

ଡିସିସି ସନ୍ଥପୁରା ୫ ଓଭରରେ ୬ ଉଇକେଟ୍ ବିନିମୟରେ ୭୪ ରନ୍ କରିଥିଲା। ନୋ କମ୍ପ୍ରୋମାଇଜ୍ କ୍ଲବ୍ ୨ ଉଇକେଟ୍ ବିନିମୟରେ ମାତ୍ର ୫୨ ରନ୍ ସଂଗ୍ରହ କରିଥିଲା। ନୋ କମ୍ପ୍ରୋମାଇଜ୍ କ୍ଲବ୍‌ର ନୀହାର ରଞ୍ଜନଙ୍କୁ ବେଷ୍ଟ ବ୍ୟାଟ୍ସ୍‌ମ୍ୟାନ ଆୱାର୍ଡ ଏବଂ ଡିସିସି ସନ୍ଥପୁରା କ୍ଲବ୍‌ର ଲକିଙ୍କୁ ବେଷ୍ଟ ବୋଲର ଆୱାର୍ଡ ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ୫୦ ହଜାର ଟଙ୍କାର ଚେକ୍ ସହ ଟ୍ରଫି ଏବଂ ରନରଅପ୍ ଟିମ୍‌କୁ ୩୦ ହଜାର ଟଙ୍କାର ଚେକ୍ ସହ କପ୍ ପ୍ରଦାନ କରାଯାଇଛି। ଅମ୍ପାୟର ଭାବେ ମନୋଜ ନାଥ ଓ ଏସ୍. ସୁନାକର ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଓକିଲ ସଂଘ ସଭାପତି ତଥା ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଉପେନ୍ଦ୍ର କୁମାର ରାଉଳ ଓ ମୁଖ୍ୟବକ୍ତା ଭାବେ ଉତ୍ତୁକୁଡ଼ା ସରପଞ୍ଚ ସୁଶାନ୍ତ ପୁହାଣ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ହାପି କ୍ଲବ୍‌ର ସଂଗ୍ରାମ ପୁହାଣ, କିଶୋର ସ୍ୱାଇଁ, ବିକ୍ରମ ପୁହାଣ, ନିରଞ୍ଜନ ସ୍ୱାଇଁ, ପ୍ରତୀକ ପ୍ରିୟଦର୍ଶୀ ପୁହାଣ, ଉମେଶ ସ୍ୱାଇଁ, ଅବିନାଶ ପୁହାଣ, ଅକ୍ଷୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି ଅତିଥି।

# ଅଭୟ ହେଲେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି


ଅଭୟ ମଲିକ

ତିହିଡ଼ି,୨୦।୪ (କାଳନ୍ଦୀ ବେହେରା)

ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତର ଅଭୟ ମଲିକଙ୍କୁ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରେରଣାରେ ସେ ୨୦୨୧ରୁ ଭାଜପାରେ ଯୋଗ ଦେଇଥିଲେ। ନୂତନ ଦାୟିତ୍ୱ ମିଳିବା ପରେ ସେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ମଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅଧିକାରୀଙ୍କୁ ବିଧାୟକଙ୍କ ତାଗିଦ୍

## ଜନଶୁଣାଣି ଶିବିରରେ ୧୫୫ ଅଭିଯୋଗ

ବାସୁଦେବପୁର,୨୦।୪
(ନାରାୟଣ ପ୍ରସାଦ ବାରିକ୍)



ଶିବିରରେ ବିଧାୟକ ଅଶୋକ କୁମାର ଦାସ ଓ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଭଦ୍ରକ ଜିଲା ଓ ବାସୁଦେବପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବ୍ଲକ କନ୍‌ଫରେନ୍ସ ହଲ୍‌ରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୫୫ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଛି। ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଏସ୍ପି ମନୋଜ ରାଉତ ଏଥିରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଯୋଗାଣ ବିଭାଗରେ ନୂତନ ରାଶନ କାର୍ଡରେ ନାମ ସଂଯୋଗ, କାର୍ଡ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ପ୍ରକଳ୍ପର କାର୍ଯ୍ୟକାରୀ ଠିକ୍ ଭାବେ ହେଉ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରି ଏନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଗ୍ରାମସଭାରେ ପାସ୍ ହୋଇଥିବା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ନ ହୋଇ ଦଳୀୟ ଭିତ୍ତିରେ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିବାରୁ ସମସ୍ତ ସରପଞ୍ଚ ଏକଜୁଟ ହୋଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଛନ୍ତି। ୭ ଦିନ ମଧ୍ୟରେ ଏହା ସଂଶୋଧନ ନ ହେଲେ ଓ ନୂତନ ତାଲିକା ପ୍ରକାଶ କରା ନ ଗଲେ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶିବିରରେ ସଦର ଏସ୍ଡିପିଓ ବିଚିତ୍ରାନନ୍ଦ ସେଠୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କ ସମେତ ଜିଲା ଓ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୁଟ ଫସଲର କ୍ଷେତ୍ର ଦିବସ

ଚମ୍ପୁଆ,୨୦।୪(ମହେଶ୍ୱର ଦାସ): ଜିଲା କୃଷି ଅଧିକାରୀ ଓ କୃଷକ ସଶକ୍ତୀକରଣ ବିଭାଗ କେନ୍ଦୁଝର ସୌଜନ୍ୟରୁ ଚନ୍ଦ୍ରଶେଖରପୁର ଓ ବାଙ୍କିଆଠାରେ ବୁଟ ଫସଲର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଧାନ ପରବର୍ତ୍ତୀ ପତିତ ଜମିର ପରିଚାଳନା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ଷେତ୍ର ଦିବସରେ ବ୍ଲକ ଚେୟାରମ୍ୟାନ ସୁରେଶ ନାଏକ, ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, କୃଷି ଅଧିଦର୍ଶକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୃତ୍ତିକାର ଉର୍ବରତା ରକ୍ଷା କରିବା ସହିତ ଧାନ ଫସଲ ପରେ ପରେ ଡାଲି ଜାତୀୟ ଫସଲ ଚାଷ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ। ଏଥି ସହିତ ଚାଷୀଙ୍କୁ ମୁଗ, ମଟର ଇତ୍ୟାଦି ବିନା ଅର୍ଥରେ ବିହନ ପ୍ରଦାନ ପୂର୍ବରୁ କରାଯାଇଥିଲା।

### ୯ ମାସ ହେବ ମିଳିନି ଦରମା, କର୍ମଚାରୀ ହିନସ୍ତା

ହାଟଡିହି,୨୦।୪(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆବାସ ବିଭାଗରେ କାର୍ଯ୍ୟରତ ୩ ଜଣ କର୍ମଚାରୀଙ୍କୁ ପ୍ରାୟ ୯ ମାସ ହେବ ଦରମା ମିଳିନି । ଫଳରେ କର୍ମଚାରୀମାନେ ନିଜେ କିପରି ଚଳିବେ ଏବଂ ପରିବାର ଚଳାଇବେ ତାହା ଚିନ୍ତାର ବିଷୟ ହୋଇଛି। କର୍ମଚାରୀ ଆଲୋକ କୁମାର ନାୟକ, ବିଜୟ କୁମାର ପଲତା ଏବଂ ସନ୍ତୋଷ କୁମାର ପାତ୍ର ୯ମାସ ହେବ ଦରମା ପାଇନାହାନ୍ତି । ଫଳରେ ସେମାନେ ଦୈନନ୍ଦିନ ଜୀବନରେ ନାନା ଅସୁବିଧା ଭୋଗୁଥିବା ବେଳେ ହିନସ୍ତା ମଧ ହେଉଛନ୍ତି । ଏ ବାବଦରେ ବିଡିଓ ରଞ୍ଜନ ପରିଡା କହିଛନ୍ତି ଯେ, ଆଲଟମେଣ୍ଟ ନ ଥିବାରୁ କର୍ମଚାରୀମାନେ ୯ ମାସ ହେବ ଦରମା ପାଇନାହାନ୍ତି।

### ଭାଜପା ନେତାଙ୍କୁ ରେଞ୍ଜରଙ୍କ ଦୁର୍ବ୍ୟବହାର ଅଭିଯୋଗ

ପାଟଣା,୨୦।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ସୋମବାର ପୂର୍ବତନ ପାଟଣା ମଣ୍ଡଳ ଭାଜପା ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କୁ ଦୁର୍ବ୍ୟବହାର କରିବା ସହ ଧକ୍କାଦେଇ ଚାମ୍ବରରୁ ବାହାର କରିଦେଇଥିବା ଅଭିଯୋଗ ହୋଇଛି। ଏକ ବାଲି ବୋଝେଇ ଗାଡ଼ି ଛଡାଇ ନେବା ଅଭିଯୋଗରେ ରେଞ୍ଜ କାର୍ଯ୍ୟାଳୟରୁ ରମେଶଙ୍କୁ ନୋଟିସ ଦିଆ ଯାଇଥିଲା। ନୋଟିସ ପାଇ ସେ ରେଞ୍ଜ କାର୍ଯ୍ୟାଳୟକୁ ଆସିଥିଲା ବେଳେ ଏଭଳି ଘଟଣା ଘଟିଛି। ଏନେଇ ଭାଜପା କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିବା ସହ ରେଞ୍ଜରଙ୍କ ବଦଳି ଦାବି କରିଥିଲେ। ଭାଜପା ପାଟଣା ମଣ୍ଡଳ ସଭାପତି ବ୍ରଜ ସେଠୀ, ଏମ୍ପିଙ୍କ ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ଭାଜପା ନେତା ସୁବ୍ରତ କୁମାର ଦିବେଦୀ, କୃଷ୍ଣଚନ୍ଦ୍ର ମହାନ୍ତ, ଅକ୍ଷୟ ସାହୁ, ଯତୀନ୍ଦ୍ର ନାଥ ଦାଶ, ହରିଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣରେ ସମସ୍ତେ ମିଶି ପାଟଣା ଥାନା ଏସ୍ଆଇ ଲକ୍ଷ୍ମଣ ମାଝୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗ ସମ୍ପର୍କରେ ରେଞ୍ଜର ସର୍ଦ୍ଦାରଙ୍କୁ ପଚାରିବାରୁ ଦୁର୍ବ୍ୟବହାର କରିବା ଘଟଣା ସମ୍ପୂର୍ଣ୍ଣ କପୋଳକଳ୍ପିତ ଓ ମିଥ୍ୟା ବୋଲି ସେ କହିଛନ୍ତି।

### ଘରେ ପଶି ଚୋରି: ନାବାଳକ ସହ ଜଣେ ଅଟକ

ହାଟଡିହୀ, ୨୦।୪(ଶୁଭକାନ୍ତ ନାୟକ): ସୋସୋ ଥାନା ଜମ୍ବୀରା ଗ୍ରାମରେ ଗତ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କ ସହ ଅନ୍ୟ ଜଣଙ୍କୁ ଅଟକ ରଖିଛି। ଅଟକ ବ୍ୟକ୍ତି ସନ୍ଦୀପ ଜେନା ସେହି ଗ୍ରାମର ହୋଇଥିବା ବେଳେ ନାବାଳକ ସୋସୋ ଥାନା ଅଞ୍ଚଳର। ଉଭୟ ଏପରି ଅନ୍ୟ ଚୋରି କେସ୍‌ରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେନେଇ ତଦନ୍ତ ଚାଲୁଥିବା ଆନନ୍ଦପୁର ଏସ୍‌ଡିପିଓ କମଳ ପଣ୍ଡା ସୂଚନା ଦେଇଛନ୍ତି। ଅର୍ଜୁନ ଚରଣ ଜେନା ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଗତ ଶନିବାର ତାଙ୍କ ଘରେ ପଶି ୧୦ହଜାର ଟଙ୍କା ଏବଂ ଏଟିଏମ କାର୍ଡ ଚୋରି କରି ନେଇଥିଲେ। ଅର୍ଜୁନ ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୮୪/୨୬) ରୁଜୁ କରିଥିଲା। ଏସ୍‌ଡିପିଓ ପଣ୍ଡା ଏବଂ ଥାନାଧିକାରିଣୀ କାନନ ସାହୁ ପହଞ୍ଚି ତଦନ୍ତ କରିଥିଲେ। ଅଟକ ନାବାଳକଙ୍କଠାରୁ ନଗଦ ୫୪୦୦ ଟଙ୍କା ଏବଂ ଏଟିଏମ କାର୍ଡ ଜବତ କରାଯାଇଛି। ଚୋରି ଏଟିଏମ୍ କାର୍ଡ ଦ୍ୱାରା ଅଟକ ବ୍ୟକ୍ତି ୬ ହଜାର ଟଙ୍କା ଉଠାଣ ମଧ କରିଥିଲେ ବୋଲି ଥାନା ଅଧିକାରିଣୀ ସାହୁ ସୂଚନା ଦେଇଛନ୍ତି।

# ଅଖିମୁଠି ଅନୁକୂଳ କଲେ ମନ୍ତ୍ରୀ

## ଜିଲାସ୍ତରୀୟ କୃଷକ ଦିବସ ସମାରୋହ

■ କୃଷିରଥ, ଆମ ବିହନ ରଥ ପରିକ୍ରମାର ଶୁଭାରମ୍ଭ

କେନ୍ଦୁଝର,୨୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):



ଅଖିମୁଠି ଅନୁକୂଳ ପୂର୍ବରୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଜମିରେ ହଳ କରୁଛନ୍ତି।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର କେନ୍ଦୁଝରସ୍ଥିତ ଜୁଡ଼ିଆ ଫାର୍ମରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ପାରମ୍ପରିକ ଧୋତି ପିନ୍ଧି କୃଷକ ପରିପାଟୀରେ ହଳ ଧରିବା ସହ ଅଖିମୁଠି ଅନୁକୂଳ କରିଥିଲେ। ଏହି ଉତ୍ସବ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ଓ ମହିଳା ଗୋଷ୍ଠୀଙ୍କୁ ମୂଳ ପାଣ୍ଠି ବଣ୍ଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ।

କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନର ସିଧାପ୍ରସାରଣ ସମସ୍ତେ ଦେଖିଥିଲେ। ପରେ ମନ୍ତ୍ରୀ ଜିଲାରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ କୃଷି ରଥ ପରିକ୍ରମା ଓ ପ୍ରାରମ୍ଭିକ ଯୋଜନା ଭାବେ କାର୍ଯ୍ୟକାରୀ ହେଉଥିବା 'ଆମ ବିହନ ରଥ'ର ଶୁଭାରମ୍ଭ କରିଥିଲେ। ଆମ ବିହନ ରଥ ଯୋଜନାରେ କେନ୍ଦୁଝର ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ଗୌତମ ମହାନ୍ତ ଓ ଭାଲିଆଡ଼ିହି ଗ୍ରାମର ବୀଣା ନାଏକଙ୍କୁ ବିହନ ବସ୍ତା ପ୍ରଦାନ କରି ମନ୍ତ୍ରୀ ବିହନ ବିକ୍ରିର ଶୁଭାରମ୍ଭ କରିଥିଲେ। ଆମ ବିହନ ରଥ ନିମନ୍ତେ ଚୟନ ହୋଇଥିବା ବିହନ ବିକ୍ରେତା ସାହାରପଡ଼ା ବ୍ଲକସ୍ଥିତ ଶ୍ରେୟାଂଶୀ ଏଣ୍ଟରପ୍ରାଇଜେସ୍‌ର ସତ୍ୱାଧିକାରୀ ଦେବ ପ୍ରସାଦ ମହାନ୍ତ ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କୃଷକ ସାମିଲ ହୋଇଥିଲେ। ବୈଜ୍ଞାନିକ, କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ।

# ୩୦ ଚାଷୀଙ୍କୁ ଜମି ଉର୍ବରତା ରିପୋର୍ଟ କାର୍ଡ ବିତରଣ



ରିପୋର୍ଟ କାର୍ଡ ସହ ଚାଷୀମାନେ।

ପାଟଣା,୨୦।୪(ବୀର କିଶୋର ଦାଶ):

ପାଟଣା ବ୍ଲକ କୃଷି ବିଭାଗ ତରଫରୁ ଧାନ ଚାଷ ପରବର୍ତ୍ତି ପଡ଼ିଆ ଜମିରେ ପରିଚାଳନା ଓ ବିଭିନ୍ନ ପ୍ରକାର ଚାଷ ପରବର୍ତ୍ତି ସମୀକ୍ଷା ଓ କ୍ଷେତ୍ର ଦିବସ ପଲାଶ ଘାଟି ପଞ୍ଚାୟତ କୁମୁଲା ବାହାଳୀ ଓ ଡୁମୁରିଆ ପଞ୍ଚାୟତ ରହଣି ଦୁମାରେ ସୋମବାର ଅନୁଷ୍ଠିତ ହୋଇଛି। ଚାଷ ହୋଇଥିବା ବୁଟ ଓ ମସୁର ଚାଷର ଅମଳ, ରୋଗ, ସାର, ଲାଭ କ୍ଷତି ଉପରେ ଆଲୋଚନା ହୋଇଥିଲା। ଏଥିରେ ୩୦ଜଣ ଚାଷୀଙ୍କୁ ସେମାନଙ୍କ ଜମି ଉର୍ବରତା ସମ୍ପର୍କିତ ରିପୋର୍ଟ କାର୍ଡ ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଘଟଗାଁ ସୁବ୍ରତ କୁମାର ମଲ୍ଲିକ, ସହକାରୀ କୃଷି ଅଧିକାରୀ ପାଟଣା ଦେବାର୍ଚ୍ଚନ ଦ୍ୱିବେଦୀ, କୃଷି ଅଧିଦର୍ଶକ ଅଭୟ ଚରଣ ରାଉତ, ବ୍ଲକ ସଂଯୋଜକ ନୀଳାମ୍ବର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଭୂମିପୂଜନ ସହ ୧୬ ଚାଷୀ ସମ୍ବର୍ଦ୍ଧିତ



ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଞ୍ଚୋ(ପ୍ରଦୋଷ କୁମାର ବିଶ୍ୱାଳ), ଆନନ୍ଦପୁର(ସୁଶାନ୍ତ କୁମାର ସାହୁ), ୨୦।୪ :

## ଅକ୍ଷୟତୃତୀୟାରେ ବାଉଁଶଗଡ଼ରେ ଚାଷୀ ସମାବେଶ

ଆନନ୍ଦପୁର ବ୍ଲକ ଅଧୀନ ବାଉଁଶଗଡ଼ଠାରେ ଅକ୍ଷୟ ତୃତୀୟା ଅବସରରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଭୂମି ପୂଜନ କରିବା ସହିତ ହଳ କରି ଅଖିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ଶାଳବଣି ମଣ୍ଡଳ ଭାଜପା ଆନୁକୂଲ୍ୟରେ ଏକ ଚାଷୀ ସମାବେଶ କରାଯାଇଥିଲା। ଆନନ୍ଦପୁର ସବ୍‌ଡିଭିଜନରେ ବିଭିନ୍ନ ଚାଷରେ ସଫଳତା ହାସଲ କରିଥିବା ୧୬ଜଣ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ, ଧୋତି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶାଳବଣି ମଣ୍ଡଳ ଭାଜପା ସଭାପତି ତପନ କୁମାର ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ଶାନ୍ତନୁ କୁମାର ସେଠୀ, ଭାଜପାର ବରିଷ୍ଠ ନେତା ଟୁକୁନା ମହାନ୍ତ, କମଳାକାନ୍ତ ସୁର, ସନ୍ନ୍ୟାସୀ ପାତ୍ର, ଶରତ ଚନ୍ଦ୍ର ନାଏକ, ବିଜୟ କୁମାର ଜେନା ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ରଥ କାଠ ଅନୁକୂଳ

ପାଟଣା,୨୦।୪(ବୀର କିଶୋର ଦାଶ):

ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ମଲ୍ଲୀପୋଷିସ୍ଥିତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଛି। ଶୋଭାଯାତ୍ରାରେ ଶତାଧିକ ଭକ୍ତ ଯାଇ ମୂଷାଖୋରୀର ମା' ବାସୁଳିଙ୍କ ପୀଠରୁ ଆଜ୍ଞାମାଳ ଆଣି ମହାପ୍ରଭୁଙ୍କ ପ୍ରଥମ ସେବକ ମହାରାଜ ରବିନାରାୟଣ ସିଂଙ୍କୁ ପ୍ରଦାନ କରିଥିଲେ। ଉକ୍ତ ମାଳକୁ ଧରି ରଥ ମହାରଣା ଓ ସେବକମାନେ ବନ ଗମନ କରି ବୃକ୍ଷ ଦେବଙ୍କୁ ଆଜ୍ଞାମାଳ ଦେଇ ପୂଜନ ପରେ ତାହାକୁ ଛେଦନ କରି ରଥଖଳାକୁ ଆଣିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପାର୍ଥ ସାରଥୀ ବେଜ, ସମ୍ପାଦକ ଭାବଗ୍ରାହୀ ମହାନ୍ତ, ମୁଖ୍ୟ ରଥ ମହାରଣା ସୁଦର୍ଶନ ନାଏକ, ସରପଞ୍ଚ ଭାମାମଣି ଦାସ, ଗୌତମ ଦାସ, ଭାସ୍କର ଦାସ, ହର୍ଷ ସେଠୀ, ସୁରେଶ ଚନ୍ଦ୍ର ନାଏକ, ନବକିଶୋର ରଣା, ଶରତ ବାରିକ, ନିରାକାର ରଣା, ନିରାକାର ନାଏକ, ନେତ୍ରାନନ୍ଦ ନାଏକ, ରତ୍ନାକର ନାଏକ, ଜଳଧର ରଣା, ବାବୁ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ନୂତନ କୁଳପତି

କେନ୍ଦୁଝର,୨୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):



ପ୍ରଫେସର ସଞ୍ଜୟ କୁମାର ପାତ୍ରୋ।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ରୋ ସୋମବାର ପୂର୍ବାହ୍ଣରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଟି ମୁମ୍ବାଇରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ପ୍ରଫେସର ପାତ୍ରୋ ଏହା ପୂର୍ବରୁ ସମ୍ବଲପୁର ଜିଲା ବୁର୍ଲାର ବୀର ସୁରେନ୍ଦ୍ର ସାଏ ୟୁନିଭର୍‌ସିଟି ଅଫ୍ ଟେକ୍ନୋଲଜିରେ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ଭାବେ ଅଧ୍ୟାପନା କରିବା ସହ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ନୂତନ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ କୁଳପତି କହିଥିଲେ, ସମସ୍ତଙ୍କର ଆନ୍ତରିକ ସହଯୋଗରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିପାରିବ। ଉନ୍ନତ ଗବେଷଣା ଓ ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ଏହି ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ଛିଡ଼ା କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଶିକ୍ଷାନୀତି ପ୍ରୟୋଗରେ କେନ୍ଦୁଝରର ମାନବ ସମ୍ବଳର ବିକାଶ ସାଧନ ପାଇଁ ସମସ୍ତଙ୍କୁ ଆତ୍ମୀୟତା ସହ କାମ କରିବାକୁ ସେ ମାର୍ଗଦର୍ଶନ କରିଥିଲେ।

# କ୍ୟାଶ୍‌ବୁକ୍ କି ଫାଇଲ ନାହିଁ: ଲକ୍ଷାଧିକ ଟଙ୍କାର ହିସାବ ମିଳୁନି

ହାଟଡିହୀ,୨୦।୪(ଶୁଭକାନ୍ତ ନାୟକ):

## ବ୍ଲକ କଳା ସଂସ୍କୃତି ସଂଘ

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳା ସଂସ୍କୃତି ସଂଘ(ବିକେଏସ୍ଏସ୍)କୁ ଆସିଥିବା ଲକ୍ଷାଧିକ ଟଙ୍କା ଅନୁଦାନର ହିସାବ ମିଳୁନି। ପ୍ରାପ୍ତ ଏବଂ ଖର୍ଚ୍ଚ ହୋଇଥିବା ଅନୁଦାନ ସଂକ୍ରାନ୍ତୀୟ କ୍ୟାଶ ବୁକ୍ କି ଫାଇଲ ନ ଥିବା ଏବଂ ଏହା ପୂର୍ବ ଅଧିକାରୀଙ୍କ ସମୟର ଘଟଣା ବୋଲି ବିଡିଓ ରଞ୍ଜନ ପରିଡା ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାତୀ ସିଂ କହିଛନ୍ତି। ବିଡିଓ ପରିଡା ଏବଂ ଅଧିକାରୀ ସିଂ କହିଛନ୍ତି ଯେ, ଆମ କାର୍ଯ୍ୟକାଳ ସମୟ ମଧରେ ସମସ୍ତ ରେକର୍ଡ ଅଛି। ତେବେ ଅନୁଦାନ ହେରଫେର ଏବଂ ଅନିୟମିତତା ନେଇ କଳାକାରମାନେ କରିଥିବା ଲିଖିତ ଅଭିଯୋଗର ପ୍ରାୟତଃ ସତ୍ୟତା ଅଛି।

ବ୍ଲକ କଳା ସଂସ୍କୃତି ସଂଘ ୨୦୧୧ ଅଗଷ୍ଟ ୨୨ରେ ଗଠନ ହୋଇଥିଲା। ଗତ ୨୦୧୦-୧୧ ଆର୍ଥିକ ବର୍ଷରେ ୨ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ୧ଲକ୍ଷ ୮୭ହଜାର ୨୦୦ଟଙ୍କା ସଭା ଦ୍ୱାରା ସର୍ବସମ୍ମତିକ୍ରମେ ଖର୍ଚ୍ଚ ହୋଇଥିଲା। ଏହି ସମୟରେ ଉପସଭାପତି ଭାବେ ରତ୍ନାକର ଦାସ ଦାୟିତ୍ୱ ନିର୍ବାହ କରୁଥିଲେ, ଯାହାକି ବ୍ଲକ ତରଫରୁ ବିଏସ୍ଏସଓ ଅବିନାଶ ପହିଙ୍କ ଦ୍ୱାରା ଜାରି ହୋଇଥିବା ଚିଠି ନଂ. ୩୭୨୬/୩୧ ୨୦୨୧ ଡିସେମ୍ବର ଅନୁସାରେ ଦର୍ଶାଯାଇଛି। ଅପରପକ୍ଷେ ଅନୁଦାନ ଅନିୟମିତତା ଏବଂ ହେରଫେରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିଭାଗୀୟ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଳାକାରମାନେ ଦାବି କରିଛନ୍ତି।

## ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦୁଝର,୨୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ସହରର ସିଁକିଡ୍‌ସ ସ୍କୁଲର ବାର୍ଷିକୋତ୍ସବ ଶନିବାର କାଳୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓସକା ସଂଗଠନର ସମ୍ପାଦିକା ଧରିତ୍ରୀ ରାଉତ ଯୋଗଦେଇ ଛାତ୍ରୀଛାତ୍ର ନିଜର ବ୍ୟବହାର ଶୃଙ୍ଖଳାଜ୍ଞାନ ଏବଂ ସମୟାନୁବର୍ତ୍ତିତା ଉପରେ ଧ୍ୟାନ ଦେବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମାଜିକ କର୍ମୀ ମଳୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସତ୍ୟଜିତ ମିଶ୍ର ସଭା ଏବଂ ତୁଫାନ ପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲ ପ୍ରତିଷ୍ଠାତା ଅମରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଅନୁକୂଳ ହେଲା ରଥକାଠ



ରଥକାଠ ପୂଜାର୍ଚ୍ଚନା କରାଯାଉଛି।

ଚମ୍ପୁଆ,୨୦।୪(ମହେଶ୍ୱର ଦାସ):

ଅକ୍ଷୟ ତୃତୀୟାରେ ଚମ୍ପୁଆସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କର ପବିତ୍ର ରଥକାଠ ଅନୁକୂଳ ହୋଇଯାଇଛି। ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଉପସ୍ଥିତିରେ ପୂଜକମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଆଜ୍ଞାମାଳ ନେଇ ରଥକାଠ ଅନୁକୂଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଦସ୍ୟ ଧିରେନ ଦାସ, ବିଷ୍ଣୁ ଚରଣ ପାଣି, ସୁଶାନ୍ତ କୁମାର ମହାନ୍ତ, ଧିରଜ ଚୌଡା, ଅରୁଣ ପତି ଓ ସ୍ଥାନୀୟ ଲୋକ ଯୋଗଦେଇଥିଲେ।

# ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ



ଘଟୋତ୍ତୋଳନ କରାଯାଉଛି।

ଯୋଡା,୨୦।୪(ମାନସ ମହାନ୍ତି): ଯୋଡ଼ା ଶାସ୍ତ୍ରୀନଗରସ୍ଥିତ ତ୍ରିନାଥ ମନ୍ଦିର, ଶନି ଦେବ ମନ୍ଦିର ଓ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ମନ୍ଦିର ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଉତ୍ସବ ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ। ରବିବାର ଅଙ୍କୁରାରୋପଣ, ମଣ୍ଡଳାଦି କାର୍ଯ୍ୟ ସମାପନ ହୋଇଥିଲା। ୨୦ରେ ସୁନା ନଦୀରୁ ଜଳଯାତ୍ରା କରାଯାଇଥିଲା, ଅଷ୍ଟପ୍ରହର ନାମଯଜ୍ଞ, ଗୋ ପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସ୍ଥାପନ, ତ୍ରିନାଥ ଦେବ, ଶନି ଦେବ ଓ ହନୁମାନଙ୍କ ଷୋଡଶ ପୂଜା ଅନୁଷ୍ଠିତ ହୋଇଥିଲା। ୨୧ରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞାଦି କର୍ମ, ଗୀତା ଯଜ୍ଞ, ସମସ୍ତ ଦେବା ଦେବୀଙ୍କ ସହସ୍ର ନାମ ଆହୁତି, ପୂର୍ଣ୍ଣାହୁତି, ରାତି ୭ଟାରେ ପାଲା ପରିବେଷଣ ଓ ୨୨ ତାରିଖ ସନ୍ଧ୍ୟାରେ ପାଲା ପରିବେଷଣ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ବିଗୁନ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ସାହୁ ଓ ଅନ୍ୟ ଶାସ୍ତ୍ରୀନଗର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆନ୍ତଃରାଜ୍ୟ ସୀମା ମୁକୁଳା, ଝାଡ଼ଖଣ୍ଡକୁ ଖଣିଜ ଚାଲାଣ

ଯୋଡ଼ା,୨୦।୪(ମାନସ ମହାନ୍ତି):

କେନ୍ଦୁଝର ଜିଲା ବାମେବାରି ଥାନା ପୋଲିସ ଚୋରା ଖଣିଜ କାରବାର ରୋକିବାରେ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଆନ୍ତଃରାଜ୍ୟ ସୀମା ମୁକୁଳା ପଡ଼ିଥିବାରୁ ଝାଡ଼ଖଣ୍ଡକୁ ଖଣିଜ ଚୋରାଚାଲାଣ ବଢ଼ି ଚାଲିଛି।

ଯୋଡ଼ା ଖଣି ମଣ୍ଡଳ ତଥା ବାମେବାରି ଥାନା ଅଧୀନ ଗୁରୁବେଡ଼ା, ଜୁରୁଡ଼ି, ଜଳହରି, ଖଣ୍ଡବନ୍ଧ, ଆଇଟିସି, ଜରିବାହାଲ, କାଳୀମାଟି, ନୟାଗଡ଼, ପିଢ଼ପୋଖରୀ ପରି ଦୁର୍ଗମ ବନାଞ୍ଚଳରେ ହେଉଥିବା ଖଣିଜ ଚୋରିକୁ ରୋକିବାରେ ବାମେବାରି ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଥାନା ଆଇଆଇସି ଜୋସକେତନ ଭୋଇଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୫-୨୦୨୬ ଆର୍ଥିକ ବର୍ଷରେ ସମୁଦାୟ ୭ଟି ଲୋଡର, ଜେସିବି ମେଶିନ, ୨୦ଟି ଚୋରା ଖଣିଜ ବୋଝେଇ ଟ୍ରକ, ୩ଟି ସ୍କର୍ପିଓ, ଗୋଟିଏ ବାଇକ୍ ଜବତ ହେବା ସହ ଏଥିରେ ସମ୍ପୃକ୍ତ ୩୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ବିଭିନ୍ନ ପରିତ୍ୟକ୍ତ ବନାଞ୍ଚଳରେ ଚୋରା ଚାଲାଣକାରୀମାନେ ମେଶିନ ଲଗାଇ ଖଣିଜ ଉତ୍ତୋଳନ କରୁଥିବାବେଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ କେତେବେଳେ ସାଦା ପୋଷାକ ତ କେତେବେଳେ ଟ୍ରକ୍‌ରେ ଯାଇ ଚଢ଼ାଉ କରିଛି। ଦୁର୍ଗମ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ଭୟ ଓ ଖଣିଜ ଚୋରା ଚାଲାଣକାରୀଙ୍କ ଆକ୍ରମଣର ଭୟ ରହିଥିଲେ ହେଁ ଏହାକୁ ଭୃକ୍ଷେପ ନ କରି ପୋଲିସ ଚଢ଼ାଉ କରି ଚୋରା ଖଣିଜ କାରବାରରେ ସମ୍ପୃକ୍ତ ଟ୍ରକ୍, ମେଶିନ ଜବତ ଓ ଖଣିଜ ଚୋରା ଚାଲାଣକାରୀଙ୍କୁ ଗିରଫ କରିଥିବା ଆଇଆଇସି ଭୋଇ ପ୍ରକାଶ କରିଛନ୍ତି।

ଯୋଡ଼ା,ବାମେବାରି,ଜୁରୁଡି,ବଡ଼ବିଲ ପ୍ରଭୃତି ଅଞ୍ଚଳରେ ଆନ୍ତଃରାଜ୍ୟ ଖଣିଜ ଚୋରା ଚାଲାଣକାରୀମାନେ ସ୍ଥାନୀୟ କେତେଜଣ ଲୋକଙ୍କ ସହଯୋଗରେ ଖଣିଜ କାରବାର କରୁଛନ୍ତି। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ,ପଶ୍ଚିମବଙ୍ଗ ସମେତ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବିଭିନ୍ନ କାରଖାନାକୁ ଚୋରା ଲୁହାପଥର ପରିବହନ କରୁଛନ୍ତି। ଖଣିଜ ଚୋରା କାରବାର ଉପରେ ରାଜ୍ୟ ସରକାର ଜିରୋ ଟଲେରେନ୍ସ ନୀତି ଅବଲମ୍ବନ କରିବା ପରେ କେନ୍ଦୁଝର ଜିଲା ଏସ୍‌ପି ଏହାକୁ ରୋକିବା ପାଇଁ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ସ୍ଥାନୀୟ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ତେବେ ବଡ଼ବିଲ ଥାନା ଅନ୍ତର୍ଗତ ଟାଙ୍କୁଣା ସଂରକ୍ଷିତ ଜଙ୍ଗଲରୁ ବ୍ୟାପକ ଖଣିଜ ଚୋରା କାରବାର ଏବେ ମଧ ଜାରି ରହିଛି। ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମା ସଂଲଗ୍ନ ଟାଙ୍କୁରାରୁ ଲୁହାପଥର ଝାଡ଼ଖଣ୍ଡ ରାଜ୍ୟର ବଡ଼ ଜାମଦା, ନୂଆଁମୁଣ୍ଡି ପ୍ରଭୃତି ଅଞ୍ଚଳର କ୍ରସର୍ ଗୁଡ଼ିକୁ ଖଣିଜ ପରିବହନ ହେଉଛି। ଖଣି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଖଣି ଅଞ୍ଚଳରୁ ୫୦ କିମି ମଧ୍ୟରେ ଲୁହାପଥର କ୍ରସରକୁ ଓଡ଼ିଶା ସରକାର ବନ୍ଦ କରିଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟର ନୂଆଁମୁଣ୍ଡି, ବଡ଼ ଜାମଦା ପ୍ରଭୃତି ଅଞ୍ଚଳରେ ବେଆଇନ ଷ୍ଟକ ୟାର୍ଡ କରି ଓଡ଼ିଶାର ଚୋରା ଖଣିଜକୁ ପରିବହନ କରାଯାଉଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂ ଏବଂ ବିଭିନ୍ନ ଜଙ୍ଗଲ ରାସ୍ତା ଦେଇ ଏହି ଚୋରା ଖଣିଜକୁ ଚୋରା ଚାଲାଣକାରୀମାନେ ଅନାୟସରେ କାରବାର କରି ପାରୁଛନ୍ତି। ୨୦୧୨ରୁ ୨୦୧୫ ମସିହା ପର୍ଯ୍ୟନ୍ତ ଟାଙ୍କୁରା ସଂରକ୍ଷିତ ଜଙ୍ଗଲର ବିଭିନ୍ନ ବେଆଇନ ଖଣି ଖନନ ଅଞ୍ଚଳକୁ ଷ୍ଟେଟ ଲେବଲ ଏନ୍‌ଫୋର୍ସମେଣ୍ଟ ଯାଇ ଧରପଗଡ଼ କରିଥିଲେ। ପରବର୍ତ୍ତୀ ସମୟରେ ଏହା କୋହଳ ହେବାରୁ ପୁନଃ ଏହି ଅଞ୍ଚଳଟି ଚୋରା ଚାଲାଣକାରୀଙ୍କ ଚରାଭୂମି ପାଲଟିଛି।

